ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.23 . No.15, Bhubaneswar Thursday, February 20, 2020 | ୨୩ତମ ବର୍ଷ | ସଂଖ୍ୟା–୧୫ | ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦, ୨୦୨୦ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଚଳିତ ବଜେଟରେ ଓଡିଶାକୁ ମିଳିବ ୭୩,୫୯୬ କୋଟି

ଭୁବନେଶ୍ୱର,୧୯।୨(ପିଏନ):ଚଳିତବର୍ଷର କେନ୍ଦ୍ରୀୟ ସାଧାରଣ ବଜେଟ୍ ଦ୍ୱାରା ଭାରତବର୍ଷର କୃଷକ, ମହିଳା, ଯୁବକ,ଜନଜାତି, ଦଳିତ ଓ ପଛୁଆ ବର୍ଗର ଲୋକମାନେ ଅଧିକ ଲାଭାନ୍ୱିତ ହେବେ। ବିଶେଷଭାବରେ ଓଡିଶା ଭଳି ରାଜ୍ୟରେ ଜନଜାତି, ଦଳିତ ଓ ପଛୁଆ ବର୍ଗର ଲୋକମାନ ଏହି ବଜେଟରୁ ସବୁଠୁ ବେଶୀ ଲାଭ ପାଇପାରିବେ । ସମସ୍ତ ରାଜ୍ୟ ସରକାର ଏହି ଦିଗରେ କାର୍ଯ୍ୟ କରି କେନ୍ଦ୍ର ବଜେଟର ଲାଭ ଉଠାଇ ପାରିବେ । ଓଡିଶା ସରକାର କେନ୍ଦ୍ରୀୟ ଯୋଜନାରେ ସାମିଲ ହେବା ପାଇଁ ଆବଶ୍ୟକୀୟ ପ୍ରସ୍ତାବ ପଠାଉ ନାହାଁନ୍ତି କି କେନ୍ଦ୍ରୀୟ ଅନୁଦାନକୁ ସଠିକ ଭାବରେ ଖର୍ଚ୍ଚ କରିପାରୁ ନାହାଁନ୍ତି । ରାଜ୍ୟସରକାର ଅନେକ ଯୋଜନାରେ କେନ୍ଦ୍ର ଦେଇଥିବା ଅନୁଦାନର ମାତ୍ର ୪ ରୁ ୬ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ଚଳିତବର୍ଷ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, କେନ୍ଦ୍ରୀୟ ଅନୁଦାନ ଏବଂ ରେଳ ବିକାଶ ପାଇଁ ୭୩,୫୯୬ କୋଟି ଟଙ୍କାର ଅନୁଦାନ ଓଡିଶାକୁ ମିଳିବାକୁ ଯାଉଛି । ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବା ପାଇଁ ସବୁବେଳେ ପ୍ରସ୍ତୁତ ଅଛନ୍ତି । କିନ୍ତୁ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିନପାରି ରାଜ୍ୟସରକାର ସବୁବେଳେ କେନ୍ଦ୍ର ଉପରେ ଦୋଷ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ରାମ ମାଧବ ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଧବ କହିଛନ୍ତି ଯେ, ଚଳିତ କେନ୍ଦ୍ରୀୟ ବଜେଟରେ ପଛୁଆ ବର୍ଗଙ୍କୁ ସହାୟତା ଦେବା ଏବଂ ତାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ଆଣିଛନ୍ତି । ଆଗାମୀ ଦିନରେ ଦେଶର ବିଭିନ୍ନ କ୍ଷେତ୍ରରେ ଭିତିଭୂମି ସୁଦୃଢ କରିବା ଏବଂ ଜଳ ସଂଶାଧନ କ୍ଷେତ୍ରରେ ଚଳିତ ବଜେଟରେ ଅଧିକ ପୁଂଜି ନିବେଶ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ କୃଷକ ମାନଙ୍କ ହିତ ପାଇଁ ମୋଦି ସରକାରଙ୍କ ଏହି ବଜେଟରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଚାଷୀଙ୍କ ଫସଲକୁ ମାର୍କେଟରେ ପହଂଚାଇବା ପାଇଁ କିଷାନ ରେଲ ଏବଂ କିଷାନ ଉଡାନର ବ୍ୟବସ୍ଥା ଆରମ୍ଭ ହୋଇଛି । କେନ୍ଦ୍ର ସରକାର ଷ୍ଟାର୍ଟ ଅପ୍ ପ୍ରୋଗ୍ରାମକୁ ପୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ବିଦେଶ ପୁଂଜି ନିବେଶ କରିବା ପାଇଁ ନିଷ୍ପତି ହୋଇଛି, ଯାହା ଆଗାମୀ ଦିନରେ ବିଶ୍ୱ ସ୍ତରୀୟ ଶିକ୍ଷାନୁଷ୍ଠାନ ସ୍ଥାପନ ହେବାରେ ସହାୟକ ହେବ । ଉନ୍ନତ ମାନର ପ୍ରଦର୍ଶନ କରୁଥିବା ରାଜ୍ୟ ମାନେ କେନ୍ଦ୍ରୀୟ ଯୋଜନା ଲାଭ ନେବାରେ ଆଗରେ ରହିବେ । ମତ୍ସ୍ୟ ଉତ୍ପାଦନ, ସୋଲାର କ୍ଷେତ୍ରରେ, ଜଳ ସଂଶାଧନ କ୍ଷେତ୍ରରେ ବଜେଟ ପ୍ରାବଧାନ ରହିଛି । ଜଳ ସଂଶାଧନ କ୍ଷେତ୍ରରେ ୩.୫ ଲକ୍ଷ କୋଟି ରହିଛି । ଓଡିଶାର ବିଭିନ୍ନ ଜିଲ୍ଲାରେ ପାଣିର ସମସ୍ୟା ରହିଛି । ଯଦି ରାଜ୍ୟସରକାର କିଛି ଭଲ ପ୍ରୋଜେକ୍ଟ ଆଣନ୍ତି ତେବେ କେନ୍ଦ୍ର ସରକାର ପୂର୍ଣ୍ଣ ସହାୟତା ଦେବା ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ଶ୍ରୀ ମାଧବ କହିଛନ୍ତି । ଚାଷ ପାଇଁ କୁସୁମ ଯୋଜନାରେ ଚାଷୀଙ୍କୁ ସୌର ଚାଳିତ ପମ୍ପ ଯୋଗାଇ ଦିଆଯିବ । ୨୦୦ ଲକ୍ଷ କୋଟି ମତ୍ସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡିଶା ପାଇଁ ମଧ୍ୟ ଏହା ଏକ ବଡ ଲାଭକାରୀ ହୋଇ ପାରିବ । ଚଳିତ ବଜେଟରେ ଯୁବପିଢୀଙ୍କ ପାଇଁ ଷ୍ଟାର୍ଟ ଅପ, ଶିକ୍ଷା, ମତ୍ସ୍ୟ ଉତ୍ପାଦନ, ଭିତିଭୂମି ବିକାଶ ଦିଗରେ ପୁଂଜି ନିବେଶ କରାଯିବ । ଆଗାମୀ ୫ ବର୍ଷ ମଧ୍ୟରେ ଭିତିଭୂମି କ୍ଷେତ୍ରରେ ସାରା ଦେଶରେ ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବ । ଦେଶରେ ୧୦୦ଟି ନୂଆ ବିମାନବନ୍ଦରର କାର୍ଯ୍ୟ କରାଯିବ । ଦେଶର ପ୍ରତ୍ନତତ୍ୱ ବିଭାଗର ବିକାଶ ପାଇଁ ଶିକ୍ଷା ସଂସ୍ଥାନ ଖୋଲା ଯିବ, ଏହାର ଫାଇଦା ମଧ୍ୟ ଓଡିଶା ରାଜ୍ୟସରକାର ନେଇ ପାରିବେ ବୋଲି ଶ୍ରୀ ମାଧବ କହିଛନ୍ତି । ଅନ୍ୟପକ୍ଷରେ ଆୟୁଷ୍ମାନ ଯୋଜନାର ଫାଇଦା ଓଡିଶାବାସୀ ଉଠାଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦେଶରେ ୨୦ ହଜାରରୁ ଉର୍ଦ୍ଧ୍ୱ ମେଡିକାଲକୁ ଆୟୁଷ୍ମାନ ଭାରତ ମାଧ୍ୟମରେ ଯୋଡାଯାଇଛି । ଓଡିଶାରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ପଛୁଆ ବର୍ଗ ଲୋକ ବସବାସ କରୁଛନ୍ତି । ଏହି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଥିଲେ ସେମାନଙ୍କୁ ବଡ ଫାଇଦା ମିଳି ପାରିଥାନ୍ତା । ଆୟୁଷ୍ମାନ ଯୋଜନା ପାଇଁ ଭାରତ ସରକାର ୭୦ ହଜାର କୋଟିର ପ୍ରବାଧାନ ରଖିଛନ୍ତି । କିନ୍ତୁ ରାଜ୍ୟସରକାର ଏଠି ଏହି ଯୋଜନାକୁ ଲାଗୁ କରୁନାହାଁନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର ଏବଂ ଗଣମାଧ୍ୟମ ବିବାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ନୂଆଦିଲ୍ଲୀରେ କ୍ୟାବିନେଟ ନିଷ୍ପତି ସମ୍ପର୍କିତ ଗଣାମଧମ ପ୍ରତିନିଧିମାନଙ୍କୁ କେନ୍ଦ୍ର ମନ୍ତ୍ରୀତ୍ରୟ ପ୍ରକାଶ ଜାଭେଦକର, ନରେନ୍ଦ୍ର ସିଂ ତୋମାର ଓ ସ୍ମୃତି ଇରାନୀ ସୂଚନା ପ୍ରଦାନ କରୁଛନ୍ତି

# ୧୦ ହଜାର ନୂଆ କୃଷକ ଉତ୍ପାଦକ ସଂଗଠନ ସ୍ଥାପନକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ ,୧୯।୨(ପି.ଏନ): କୃଷକମାନଙ୍କୁ ଆର୍ଥିକ ସୁଧାରର ଲାଭ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି (ସିସିଇଏ) ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ଏହି ନିଷ୍ପତି ଅନୁଯାୟୀ ୨୦୧୯-୨୦ରୁ ୨୦୨୩-୨୪ ପର୍ଯ୍ୟନ୍ତ ପାଂଚ ବର୍ଷର ଅବଧି ମଧ୍ୟରେ ୧୦ ହଜାର ନୂତନ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରାଯିବ । ଆରମ୍ଭ ହେବାର ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଏଫପିଓ କୁ ସହାୟତା ଯୋଗାଇ ଦିଆଯିବ । ଏହାଦ୍ୱାରା ମୂଲ୍ୟ ବୃଦ୍ଧି ସହିତ ଉତ୍ପାଦନ ଜ୍ଞାନକୌଶଳ, ସେବା ଓ ବିପଣନକୁ ଆପଣାଇବା ଲାଗି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଖରେ ଆର୍ଥିକ କ୍ଷମତା ନଥାଏ । ଏଫପିଓ ଗଠନ ମାଧ୍ୟମରେ କୃଷକମାନେ ସାମଗ୍ରିକ ଭାବେ ଅଧିକ ସୁଦୃଢ଼ ହୋଇପାରିବେ । ସେମାନେ ଅଧିକ ଆୟ କରିବା ଲାଗି ଋଣ ଓ ଉନ୍ନତ ବିପଣନ ସୁବିଧା, ଗୁଣବତାଯୁକ୍ତ ଉତ୍ପାଦ ଏବଂ ପ୍ରଯୁକ୍ତି ସହାୟତା ପାଇବାରେ ସଫଳ ହୋଇପାରିବେ ।ପାଂଚ ବର୍ଷର ଅବଧି (୨୦୧୯-୨୦ ଠାରୁ ୨୦୨୩-୨୪) ପର୍ଯ୍ୟନ୍ତ ୪୪୯୬ କୋଟି ଟଙ୍କାର ମୋଟ ବଜେଟ ବ୍ୟବସ୍ଥା ସହିତ ୧୦ ହଜାର ନୂଆ ଏଫପିଓ ଗଠନ ଏବଂ ପ୍ରୋତ୍ସାହନ ଲାଗି "କୃଷକ ଉତ୍ପାଦକ ସଂଗଠନ ପ୍ରତିଷ୍ଠା ଓ ପ୍ରୋତ୍ସାହନ" ନାମକ କେନ୍ଦ୍ରୀୟ କ୍ଷେତ୍ରର ନୂତନ ଯୋଜନା ଆରମ୍ଭ କରାଯିବ । ଏଥିରେ ପ୍ରତ୍ୟେକ ଏଫପିଓଗୁଡ଼ିକୁ ପାଂଚ ବର୍ଷ ଲାଗି ଆବଶ୍ୟକ ସହଯୋଗ ଦେବା ଲାଗି ୨୦୨୪-୨୫ରୁ ୨୦୨୭-୨୮ ପର୍ଯ୍ୟନ୍ତ ଅବଧି ଲାଗି ୨୩୬୯ କୋଟି ଟଙ୍କାର ଅତିରିକ୍ତ ସହାୟତା ବ୍ୟବସ୍ଥା ରହିବ । ପ୍ରାରମ୍ଭିକ ଭାବେ ଏଫପିଓ ଗଠନ ଏବଂ ପ୍ରୋତ୍ସାହନ ଲାଗି ତିନୋଟି କାର୍ଯ୍ୟକାରୀ ଏଜେନ୍ସି ଯଥା : କ୍ଷୁଦ୍ର ଚାଷୀ କୃଷି ବ୍ୟବସାୟ ସଂଗଠନ(ଏସଏଫଏସି), ଜାତୀୟ ସମବାୟ ବିକାଶ ନିଗମ (ଏନସିଡିସି) ଏବଂ ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)କୁ ନିୟୋଜିତ କରାଯିବ । ରାଜ୍ୟଗୁଡ଼ିକ ଇଚ୍ଛୁକ ଥିଲେ କୃଷି ସମବାୟ ଏବଂ କୃଷକ କଲ୍ୟାଣ ବିଭାଗ (ଡିଏସିଆଣ୍ଡଏଫଡବ୍ଲୁ) ସହିତ ବିଚାରବିମର୍ଶ କରି ନିଜସ୍ୱ କାର୍ଯ୍ୟକାରୀ ଏଜେନ୍ସି ନାମାଙ୍କନ କରିପାରିବେ ।ଆରମ୍ଭରୁ ସମତଳ ଅଂଚଳର ଏଫପିଓ ସଦସ୍ୟମାନଙ୍କ ସର୍ବନିମ୍ନ ସଂଖ୍ୟା ୩୦୦ ଏବଂ ଉତର-ପୂର୍ବ ଏବଂ ପାର୍ବତ୍ୟାଂଚଳରେ ୧୦୦ ହେବ । ଡିଏସିଆଣ୍ଡଏଫଡବ୍ଲୁ ପକ୍ଷରୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ମଞ୍ଜୁରି ସହିତ ଆବଶ୍ୟକତା ଏବଂ ଅଭିଜ୍ଞତା ଆଧାରରେ ସର୍ବନିମ୍ନ ସଦସ୍ୟ ସଂଖ୍ୟାରେ ସଂଶୋଧନ କରାଯାଇପାରିବ । ଦେଶର ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରତ୍ୟେକ ବ୍ଲକରେ ହାରାହାରି ଗୋଟିଏ ଏଫପିଓ ଗଠନ କରାଯିବ ।ନାବାର୍ଡରେ ୧୦୦୦ କୋଟି ଟଙ୍କାର ଏକ ଋଣ ଗ୍ୟାରେଂଟି ପାଣ୍ଠି ରହିବ ଯେଉଁଥିରେ ଡିଏସିଆଣ୍ଡଏଫଡବ୍ଲୁ ଏବଂ ନାବାର୍ଡର ସମାନ ଯୋଗଦାନ ରହିବ । ସେହିପରି ଏନସିଡିସିରେ ୫୦୦ କୋଟି ଟଙ୍କାର ଏକ ଋଣ ଗ୍ୟାରେଂଟି ପାଣ୍ଠି ରହିବ, ଯେଉଁଥିରେ ଡିଏସିଆଣ୍ଡଏଫଡବ୍ଲୁ ଏବଂ ଏନସିଡିସିର ସମାନ ଯୋଗଦାନ ରହିବ । ଫଳରେ ଏଫପିଓଗୁଡ଼ିକୁ ଋଣପ୍ରଦାନ କରିବା କ୍ଷେତ୍ରରେ ଆର୍ଥିକ ସଂସ୍ଥାନର ବିପଦକୁ ହ୍ରାସ କରାଯାଇପାରିବ । ଏହାଛଡ଼ା ଏଫପିଓକୁ ସଂସ୍ଥାଗତ ଋଣର ନିରନ୍ତର ପ୍ରବାହ ନିମନ୍ତେ ଉପଯୁକ୍ତ ଋଣ ଗ୍ୟାରେଂଟି ପ୍ରଦାନ କରାଯାଇପାରିବ ।

## ୧୩ ଗୋରୁ ଉଦ୍ଧାର, ଗାଡି ଜବତ, ଚାଳକ ଗିରଫ

ଭଦ୍ରକ, ୧୯।୨(ପି.ଏନ): ସରକାରଙ୍କ ପକ୍ଷରୁ ବ୍ୟାପକ କଟକଣା କରାଯାଉଥିଲେ ମଧ୍ୟ ଗୋ ଚାଲାଣ ବନ୍ଦ ହେଉନଥିବାର ଜଣାପଡିଛି । କେବଳ ସେତିକି ନୁହେଁ ଅତ୍ୟନ୍ତ ଅମାନୁଷିକ ଭାବେ ଛୋଟ ଛୋଟ ଗାଡିରେ ଏକାଧିକ ଗୋରୁ ବୋଝେଇ କରି ଯେଉଁଭଳି ଚାଲାଣ କରାଯାଉଛି, ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ । ଏହି ଘଟଣାରେ ମାମଲା ପରେ ମାମଲା ରୁଜୁ ହେଉଛି ସତ, ହେଲେ ଆଇନ୍‌ର ଗଳାବାଟ ଦେଇ ସମସ୍ତେ ଖସିଯାଉଛନ୍ତି । ଫଳରେ ଏହି ଚୋରା ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି କହିଲେ ଅତ୍ୟୁକ୍ତି ହେବନାହିଁ ।ଏହିଭଳି ଏକ ଘଟଣାରେ ଏକ ଗୋରୁବୋଝେଇ ଗାଡିକୁ ପିଛାକରି ଏହି ଜିଲାର ତିହିଡି ପୁଲିସ୍‌କୁ ମିଳିଛି ଏକ ସଫଳତା । ୧୩ଟି ଗୋରୁକୁ ପୁଲିସ୍ ଉଦ୍ଧାର କରି ଥାନା ପରିସରରେ ନିଜେ ହେପାଜତରେ ରଖାଯାଇଥିବାର ଜଣାଯାଇଛି । ଗୋରୁ ବୋଝେଇ ଗାଡିଟିର ନଂ ଓଡି-୦୪ଡି-୪୦୧୯ କୁ ମଧ୍ୟ ପୁଲିସ୍ ଜବତ କରି ଚାଳକ ତଥା ଗାଡି ମାଲିକ ସେକ୍ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଥାନାରେ ୫୪/୨୦, ଦଫା ୨୭୯ / ୧୧ ଏ, ଡି.ଇ ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି । ଏହି ଘଟଣାରେ ଗୋରୁ ବେପାରୀ ସଂପର୍କରେ ସଂପୃକ୍ତ ଚାଳକ କୌଣସି ସୂଚନା ଦେଉନଥିବାରୁ ଗିରଫ ଅଭିଯୁକ୍ତଙ୍କୁ ପରେ ରିମାଣ୍ଡରେ ଅଣାଯାଇ ପଚରା ଉଚୁରା କରାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି ।

## ବିଧାନସଭାରେ ଧାନ କିଣାକୁ ନେଇ ଅବ୍ୟବସ୍ଥା ତାତି, ବୈଠକ କରି ଆଲୋଚନା କରିବାକୁ ବାଚସ୍ପତି ଦେଲେ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୨(ପି.ଏନ): ରାଜ୍ୟରେ ଧାନ କିଣାରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥାକୁ ନେଇ ବୁଧବାର ଦିନ ବିଧାନସଭାରେ ଉଭୟ ସରକାରୀ ଦଳ ଓ ବିରୋଧୀ ଦଳ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା । ପ୍ରଶ୍ନୋତର କାର୍ଯ୍ୟକ୍ରମ ବେଳେ ଓ ଶୂନ୍ୟକାଳରେ ଏହି ପ୍ରସଙ୍ଗକୁ ନେଇ ବିଧାୟକ ମାନେ ଚିନ୍ତା ବ୍ୟକ୍ତ କରିବା କାରଣରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଜିଲ୍ଲା ବାରୀ ଅଫିସର ମାନଙ୍କୁ ଡାକି ବିଧାୟକ ମାନଙ୍କ ସହ ବୈଠକ କରନ୍ତୁ ଓ ସବୁ ବିଷୟରେ ଆଲୋଚନା କରନ୍ତୁ। ଏହା ପରେ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରନ୍ତୁ । ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଏହି ପ୍ରସଙ୍ଗରେ ବିଭିନ୍ନ ବିଧାୟକ ମାନେ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଶୂନ୍ୟକାଳରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ଧାନ କିଣାକୁ ନେଇ ଅବ୍ୟବସ୍ଥା ଦେଖା ଦେଇଛି । ଅନେକ ସ୍ଥାନରେ ଟୋକେନ ଜେନେରେଟ ହୋଇ ନାହିଁ । ତେଣୁ ଧାନ ଉଠା ଯାଇ ପାରୁ ନାହିଁ । ଚାଷୀ ମାନେ ହଇରାଣ ହେଉଛନ୍ତି । ଦୀର୍ଘ ୨୦ ବର୍ଷ ଧରି ଶାସନ କରିବା ସତ୍ତ୍ୱେ ବିଜେଡି ସରକାର ଧାନ କିଣା ବ୍ୟବସ୍ଥାକୁ ସୁଧାରି ପାରି ନାହିଁ । ସାଧାରଣ ଲୋକ ମାନେ, ଚାଷୀ ମାନେ ବିଧାୟକ ମାନଙ୍କୁ ସେମାନଙ୍କର କଥା ଉଠାଇବାକୁ ଏଠାକୁ ପଠାଇଛନ୍ତି । ଯଦି ସରକାର ତାଙ୍କ କଥା ନ ଶୁଣିବେ ତେବେ କହି ଲାଭ କଣ । ତେଣୁ ଏ ସମ୍ପର୍କରେ ବାଚସ୍ପତି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଅନୁରୋଧ କରିଥିଲେ । ଏହା ପରେ ବାଚସ୍ପତି ଶ୍ରୀ ପାତ୍ର ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ । ଏହା ପୂର୍ବରୁ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର, ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା, ବିଜେଡି ବିଧାୟକ ଭୂପିନ୍ଦର ସିଂହ ଓ ଅନ୍ୟ ବିଧାୟକ ମାନେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ ।

## ଏନକାଉଂଟରରେ ଦିଲ୍ଲୀର କୁଖ୍ୟାତ ଡନ୍ ନିହତ

ନୂଆଦିଲ୍ଲୀ , ୧୯।୨ (ପି.ଏନ): ମେରଠର କଙ୍କରଖେଡାରେ ଉତର ପ୍ରଦେଶ ପୋଲିସ୍ ଏନକାଉଂଟର ରେ ଦିଲ୍ଲୀର ବଡ ଡନ୍ ଶିବ ଶକ୍ତି ନାଇଡୁର ମୃତ୍ୟୁ ଘଟିଛି । ପୋଲିସ୍ ଓ ଗୁଣ୍ଡା ମାନଙ୍କ ମଧ୍ୟରେ ପ୍ରାୟ ଅଧଘଂଟା ଧରି ଛକାପଂଝା ଲାଗି ରହିଥିଲା । ଶେଷରେ ପୋଲିସ୍ ଗୁଳିରେ ଶିବ ଶକ୍ତିର ମୃତ୍ୟୁ ହୋଇଥିଲା । ପୋଲିସ୍ ଘଟଣାସ୍ଥଳରୁ ଏକ କାର୍ବାଇନ୍ , ଏକ ଡବଲ ବେରେଲ ବନ୍ଧୁକ , ଗୁଳି ଏବଂ ଏକ ଚୋରି ଏସୟୁଭି କାର ଜବତ କରିଛି । ଶିବ ଉପରେ ପୋଲିସ୍ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ମେରଠ ଜୋନ୍ ଏଡିଜି ପ୍ରଶାନ୍ତ କୁମାରଙ୍କ କହିବା ଅନୁଯାୟୀ ଶିବର ଲୋକେସନ୍ କଙ୍କରଖେଡା ଜଣାପଡିବା ପରେ ପୋଲିସ୍ ତୁରନ୍ତ ସେଠାରେ ପହଂଚିବା ପରେ ଘର ଭିତରୁ ଫାୟାରିଂ ଆରମ୍ଭ ହୋଇଥିଲା ।

## ୨ ପିକ୍‌ଅପ୍ ସହ ୨୦୦ ରୁ ଉର୍ଦ୍ଧ୍ୱ ବସ୍ତା ଚୋରା କୋଇଲା ଜବତ

ଭଦ୍ରକ, ୧୯।୨(ପି.ଏନ): ବଢି ଚାଲିଛି ଚୋରା କୋଇଲା ଚାଲାଣ । ଚୋରି ରୋକିବାକୁ ପୁଲିସ୍ ହେଲାଣି ନାକେଦମ୍ । ପୋଲିସ୍‌କୁ ଚକ୍‌ମା ଦେଇ ସବୁ ଦିନ ଚାଲିଛି ୮ ରୁ ୧୦ ପିକ୍‌ଅପ୍ । ସାଇକେଲ ଓ ମୋଟର ସାଇକେଲ୍ କଥା ପଚାରେ କିଏ ! ସୂଚନା ଅନୁଯାୟୀ ଆଜି ସକାଳୁ ସକାଳୁ ପୁଲିସ୍ ହାତରେ ଧରା ପଡିଛି ୨ଟି ଚୋରା ପିକ୍‌ଅପ୍ ଓ ୩ଟି ସାଇକେଲ୍ । ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ଛତ୍ରପଦା ଗ୍ରାମ ନିକଟରେ ଆଇସି-୪୦ ଟ୍ରେନ ଲାଇନ୍ ପାଖରୁ କୋଇଲା ଚୋରା ଚାଲାଣ ହେଉଥିବା ସମୟରେ ପୁଲିସ୍‌କୁ ଦେଖି ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗାଡି ସହ ୨୦୦ ରୁ ଉର୍ଦ୍ଧ୍ୱ ବସ୍ତା ଚୋରା କୋଇଲାକୁ ଜବତ କରି ଗାଡି ଦୁଇଟିକୁ ନେଇ ଥାନାରେ ଅଟକ ରଖିଥିବା ଜଣାପଡିଛି ।

## ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁ[illegible]ଆଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୧୯।୨(ପି.ଏନ): ମୋର ମାତା ଇନ୍ଦୁମତୀ ଖୁ[illegible]ଆ, ବୟସ ୯୭ ବର୍ଷ ଅସୁସ୍ଥତା ଯୋଗୁ ଭୁବନେଶ୍ୱରସ୍ଥ କଳିଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ଅନ୍ତେଷ୍ଟିକ୍ରିୟା ଯାଜପୁର ଜିଲ୍ଲା କୋରେଇ ବ୍ଲକ ବେଗନା ଗ୍ରାମ ଠାରେ ସମ୍ପନ୍ନ ହେବ । ମୃତ୍ୟୁବେଳେ ତାଙ୍କର ଜ୍ୟେଷ୍ଠ ପୁତ୍ର ସୂର୍ଯ୍ୟମଣି ଖୁ[illegible]ଆ, ଶ୍ୟାମ ସୁନ୍ଦର ମହାପାତ୍ର, ମଧୁ ଖୁ[illegible]ଆ ଏବଂ ତାଙ୍କର ପୁତ୍ରବଧୂ ହେମଲତା ଖୁ[illegible]ଆ, ନାତି ପ୍ରିତଶ୍ ଭାରତ ଖୁ[illegible]ଆ, ସିଦ୍ଧାର୍ଥ ଭାରତ



ଖୁ[illegible]ଆ, ଅନ୍ୱେଶ ଖୁ[illegible]ଆ ଏବଂ ଅଶ୍ୱିନ ରାଉତରାୟ ଏବଂ ଅନ୍ୟାନ୍ୟ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ ।

## ୩ ଦିନିଆ ରିମାଣ୍ଡରେ ଅନୁପ ସାଏ

ଝାରସୁଗୁଡ଼ା/ଭୁବନେଶ୍ୱର,୧୯।୨ (ପି.ଏନ): ବହୁଚର୍ଚ୍ଚିତ ମା'-ଝିଅ (କଳ୍ପନା ଦାଶ ଓ ବବଲି) ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ଅନୁପ ସାଏଙ୍କୁ ପୋଲିସ ବୁଧବାର ଠାରୁ ୩ ଦିନିଆ ରିମାଣ୍ଡରେ ନେଇଛି । ଏହି ତିନି ଦିନିଆର ରିମାଣ୍ଡ ସମୟରେ ପୋଲିସ ଅନୁପଙ୍କୁ ଅଧିକ ପଚରାଉଚରା କରିବ । ଛତିଶଗଡର ରାୟଗଡ଼ ଜିଲ୍ଲା ଚକ୍ରଧରନଗର ପୋଲିସ ଅନୁପ ସାଏଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା । ବୁଧବାର ରାୟଗଡ଼ ଜିଲ୍ଲା କୋର୍ଟ ଅନୁପ ସାଏଙ୍କୁ ୩ ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି । ରିମାଣ୍ଡ ଅବଧି ଶେଷ ହେବା ପରେ ଫେବୃଆରୀ ୨୨ରେ ଅନୁପ ସାଏଙ୍କୁ କୋର୍ଟରେ ହାଜର କରିବାକୁ ରାୟଗଡ଼ ସିଜେଏମ୍ ଆଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ନାର୍କୋ ଟେଷ୍ଟ ନେଇ ହୋଇଥିବା ଆବେଦନ ସମ୍ପର୍କରେ ନିଷ୍ପତିକୁ କୋର୍ଟ ଗୋଟିଏ ସପ୍ତାହ ପାଇଁ ଏହା ସ୍ଥଗିତ ରଖିଛନ୍ତି ।ସେହିପରି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଅନୁପ ସାଏଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଦିନିକିଆ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ଦେଇଛନ୍ତି ।

## ତେଲେଙ୍ଗାନା ଇଟାଭାଟିରୁ ଉଦ୍ଧାର ହେଲେ ଓଡ଼ିଆ ଶ୍ରମିକ ପରିବାର

ଭୁବନେଶ୍ୱର,୧୯।୨(ପି.ଏନ): ବଲାଙ୍ଗିର ଓ ସୋନପୁର ଜିଲ୍ଲାର ୧୫ଜଣ ଶ୍ରମିକ ଏବଂ ତାଙ୍କ ଶିଶୁ ମାନଙ୍କୁ ତେଲେଙ୍ଗାନା ବେଗୁମ୍ପେଟ ଜିଲ୍ଲାର ପେଡ଼ାପଲ୍ଲି ଅଂଚଳରେ ଜଣେ ଠିକାଦାର ମଜୁରି ନଦେଇ କାମ କରାଉଥିଲେ । ଓଡ଼ିଶା ମୋ ପରିବାରର ହସ୍ତକ୍ଷେପ ପରେ ବୁଧବାର ସେମାନଙ୍କୁ ଓଡ଼ିଶା ଫେରାଇ ଆଣାଯାଇଛି । ସୂଚନାଥାଉକି ଗତ ୧୪ ତାରିଖରେ ସୋନପୁରର ସୁରେନ୍ଦ୍ର ଭରସାଗର ନାମକ ଜଣେ ବ୍ୟକ୍ତି ଓଡ଼ିଶା-ମୋ ପରିବାରକୁ ଫୋନ୍ ମାଧ୍ୟମରେ ଜଣାଇଥିଲେ ଯେ, ସେ ଏବଂ ତାଙ୍କ ସହିତ ଅନ୍ୟ ୧୪ଜଣ ସୋନପୁରର ସଙ୍ଗୀତା ଭରସାଗର, ହୀନ ଭରସାଗର, ବଲାଙ୍ଗିରର ଜଗବନ୍ଧୁ ବାରିକ, ସୁମୁଖୀ ବାରିକ, ପୂର୍ଣ୍ଣ ବାରିକ, ଶୁଭମ ବାରିକ, ନମିତା ବାରିକ, ପୁଣ୍ୟବତୀ ବାରିକ, ଆଞ୍ଜଳି ବାରିକ, ଜିତେନ ବେଣିଆ, ମୀନା ବେଣିଆ, ବୀରବଳ ତାଣ୍ଡି ଓ ମହେଶ ତାଣ୍ଡି ସହିତ ସେମାନଙ୍କର ନାବାଳକ ପିଲାମାନଙ୍କୁ ଏକ ଠିକାଦାର ତେଲେଙ୍ଗାନା ବେଗୁମ୍ପେଟ ଜିଲ୍ଲାର ପେଡ଼ିପଲ୍ଲି ଗ୍ରାମରେ ଏକ ଇଟାଭାଟିରେ ଯୋରଜବରଦସ୍ତ ବିନା ମଜୁରିରେ ଖଟାଇବା ସହିତ ନାନା ପ୍ରକାର ନିର୍ଯ୍ୟାତନା ଦେଉଛି । ଓଡ଼ିଶା-ମୋ ପରିବାର ଆବାହକ ଶ୍ରୀ ଅରୁପ ପଟ୍ଟନାୟକ ଆନ୍ଧ୍ର ପ୍ରଦେଶର ପୂର୍ବତନ ଡିଜିପି ଶ୍ରୀ ଏସ୍.କେ. ହୁଡ଼ାଙ୍କୁ ଜଣାଇଥିଲେ ଏବଂ ସେମାନଙ୍କୁ ଫେରାଇଆଣିବା ପାଇଁ ତାଙ୍କ ସହଯୋଗ ଲୋଡ଼ିଥିଲେ । ଶ୍ରୀ ହୁଡ଼ା ଏବଂ ଓଡ଼ିଶା-ମୋ ପରିବାର ଟିମ୍ ସେଠାକାର ଜିଲ୍ଲାପାଳ ଓ ପୋଲିସ୍ ଡେପୁଟି କମିଶିନରଙ୍କୁ ଏ ବିଷୟରେ ଅବଗତ କରାଇଥିଲେ । ଫେବ୍ରୁଆରୀ ୧୬ ତାରିଖରେ ଏସ୍.ପି. ଓ ତାଙ୍କ ଟିମ୍ ପେଡ଼ାପଲ୍ଲିଠାରେ ଥିବା ଇଟାଭାଟି ଉପରେ ଚଢ଼ାଉ କରିଥିଲେ ଏବଂ ସେମାନଙ୍କୁ ଠାବ କରିଥିଲେ । ଇଟାଭାଟିର ମାଲିକଙ୍କୁ ସେ ତାଗିଦ୍ କରିଥିଲେ ଯେ, ଯଥାଶୀଘ୍ରସେମାନଙ୍କ ପ୍ରାପ୍ୟ ସେମାନଙ୍କୁ ଦେବାକୁ କହିବା ସହ ସେମାନଙ୍କୁ ତାଙ୍କ ଗ୍ରାମକୁ ଫେରାଇଦେବା ପାଇଁ ମଧନିର୍ଦ୍ଦେଶ ଦେଇଥିଲେ ।ଠିକାଦାର ସମସ୍ତ ୧୫ଜଣ ଶ୍ରମିକ ଓ ତାଙ୍କ ନାବାଳକ ପିଲାମାନଙ୍କୁ ସେମାନଙ୍କ ଫେରିବା ଖର୍ଚ୍ଚ ଦେବା ସହିତତାଙ୍କର ଫେରିବା ପାଇଁ ଟିକେଟ୍ କରାଇଦେଇଥିଲେ । ସେମାନେ ସମସ୍ତେ ବିଶାଖା ଏକ୍ସପ୍ରେସ୍‌ରେ ୧୭ ତାରିଖରୁ ବାହାରି ୧୮ ତାରିଖରେ ବିଶାଖାପାଟଣାରେ ପହଂଚିଥିଲେ । ଅନ୍ୟ ଏକ ଟ୍ରେନ୍ ଧାନବାଦ୍ ଏକ୍ସପ୍ରେସ୍‌ରେ ସେଠାରୁ ବାହାରି ବଲାଙ୍ଗିର ରେଳ ଷ୍ଟେସନ୍‌ରେ ଆଜି ରାତି ୧୧ଟା ୩୦ ମିନିଟ୍‌ରେ ପହଂଚିଥିଲେ ।

## ରାଜପଥ ପାର୍ଶ୍ୱକୁ ଓଲଟିଲା ବସ୍, ଅଳ୍ପକେ ବର୍ତିଲେ ଯାତ୍ରୀ

ଭଦ୍ରକ, ୧୯।୨(ପି.ଏନ): ଭାରସାମ୍ୟ ହରାଇ ଜାତୀୟ ରାଜପଥ କଡକୁ ଓଲଟିଲା ଯାତ୍ରୀବାହୀ ବସ୍ । ଅଳ୍ପକେ ବର୍ତିଲେ ୫୦ ରୁ ଉର୍ଦ୍ଧ୍ୱ ଯାତ୍ରୀ । ଏଥିରେ ୨ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଏଠାରେ ସୂଚନାଯୋଗ୍ୟ ୧୬ ନଂ ଜାତୀୟ ରାଜପଥ ଭଣ୍ଡାରିପୋଖରୀ ନେଉଳିଆ ଛକ ନିକଟରେ ଦୁର୍ଘଟଣା ଘଟିଛି । ୫୦ ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁନେଇ ଓଆର-୦୨ଏସ୍-୮୮୬୬ ନମ୍ବରର ଏକ ବସ୍‌ଟି ବାଲେଶ୍ୱରରୁ ଢେଙ୍କାନାଳ ଯାଉଥିବା ସୂଚନା ମିଳିଛି । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ରାସ୍ତା କଡରେ ଥିବା ବାଲି ଗଦା ଉପରେ ବସ୍ ଓଲଟିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି । ଅତ୍ୟଧିକ କୁହୁଡି ଯୋଗୁଁ ଦୁର୍ଘଟଣା ଘଟିଲା ବୋଲି ଜଣାପଡିଥିବାବେଳେ ଘଟଣାସ୍ଥଳରେ ଭଣ୍ଡାରିପୋଖରୀ ପୁଲିସ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି । ସମସ୍ତ ୨ ଜଣଙ୍କୁ ଭଦ୍ରକ ମେଡିକାଲରେ ଚିକିତ୍ସା କରାଯାଉଛି । ସେହି ୨ ଜଣ ହେଉଛନ୍ତି ନିରୋଦ କୁମାର ସାହୁ, କୃଷ୍ଣଚନ୍ଦ୍ର ବେହେରା, ସଂଜୁ ବେହେରା, କୁମୁଦିନୀ ବେହୁରିଆ ଓ ଚତୁରୀ ବେହେରା ।

# ମେଟ୍ରିକ ପରୀକ୍ଷାରୁ ବଂଚିତ ହେଲେ ୨୫ ପରୀକ୍ଷାର୍ଥୀ ଇଂରାଜୀ ପ୍ରଶ୍ନ ବଦଳରେ ମିଳିଲା ସାହିତ୍ୟ ପ୍ରଶ୍ନ

ବାରିପଦା,୧୯।୨(ପି.ଏନ): ଓଡ଼ିଶା ମାଧ୍ୟମିକ ଶିକ୍ଷାପରିଷଦ ଆନୁକୂଲ୍ୟରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା - ୨୦୨୦ ଫେବୃଆରୀ ୧୯ରୁ ଆରମ୍ଭ ହୋଇଛି ଯ ଉକ୍ତ ପରୀକ୍ଷା ସହ ସଂସ୍କୃତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ ହେଉଅଛି । ପରୀକ୍ଷାର ଆଜି ପ୍ରଥମ ଦିନ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକର ଦ୍ୱାରିକାନାଥ ନୂତନ ସରକାରୀ ହାଇ ସ୍କୁଲରେ ହୋଇଥିବା ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୩୮ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୨୫ ଜଣ ପାରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଂଚିତ ହୋଇଛନ୍ତି । ବେତନଟୀ ବ୍ଲକରେ ପରୀକ୍ଷାର୍ଥୀଙ୍କ ଆଡ଼ମିଟ କାର୍ଡରେ ଚଳଚିତ୍ର ହିରୋଇନଙ୍କ ଫଟୋ ପରେ ପୁଣି ସାମ୍ନାକୁ ଆସିଲା ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନର ପରିଚାଳନା ଗତ ବିଭ୍ରାଟ । ପଦାରେ ପଡିଲା ଦାୟିତ୍ୱ ହୀନତା । ପ୍ରଶ୍ନପତ୍ର ଅଭାବରୁ ପରୀକ୍ଷା ଦେବାରୁ ବଂଚିତ ହେଲେ ୨୫ ପରୀକ୍ଷାର୍ଥୀ । ଆଜି ଇଂରାଜୀ ପରୀକ୍ଷା ଥିବା ବେଳେ ପ୍ୟାକେଟ ମଧ୍ୟରୁ ବାହାରିଛି ମୋଟ ୨୫ଟି ସାହିତ୍ୟ ପ୍ରଶ୍ନ ଯ ଫଳରେ ସେ ର ସୁପାରିଟେଣ୍ଡେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପରିବର୍ତେ ୨୫ ଜଣ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ଦେବାରୁ ବଂଚିତ କରାଇବା ସହ ସେମାନଙ୍କୁ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅଟକାଇ ରଖିଥିବାର ଅଭିଯୋଗ ହୋଇଛି ଯ ଏହା ଦୂର ଦୁରାନ୍ତରୁ ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନଙ୍କ ପ୍ରତି ଶାରିରୀକ ଓ ମାନସିକ ନିର୍ଯ୍ୟାତନା ସଦୃଶ୍ୟ ବୋଲି କୁହାଯାଇଛି ଯ ଏବିଷୟରେ ପରୀକ୍ଷା କେନ୍ଦ୍ର ସୁପାରିଟେଣ୍ଡେ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀଧର ବାରିକ ଗଣମାଧ୍ୟମକୁ ଦେଇଥିବା ସୂଚନା ଆଧାରରେ ଆଜି ଅପରାହ୍ନ ୧.୩୦ ରେ ପରୀକ୍ଷା କେନ୍ଦ୍ରରେ ଉପରେ ଇଂରାଜୀ ବିଷୟ ଲେଖାଥିବା ପ୍ରଶ୍ନପତ୍ର ଲଫାପା ଖୋଲାଯିବା ସମୟରେ ଗୋଟାଏ ଲଫାପା ମଧ୍ୟରେ ଥିବା ସମସ୍ତ ୨୪ଟି ଏବଂ ଅନ୍ୟ ଏକ ଲଫାପାରେ ୨୪ ମଧ୍ୟରୁ ଗୋଟାଏ ଏହିପରି ମୋଟ ୨୫ ପ୍ରଶ୍ନପତ୍ର ଇଂରାଜୀ ବଦଳରେ ଓଡ଼ିଅ । ବିଷୟ ବାହାରିଥିଲା ।ଏବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଫୋନ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ । ଏହାପରେ କାର୍ଯ୍ୟାଳୟର ଜଗନ୍ନାଥ ସାହୁଙ୍କ ସହ କଥା ହେବାରୁ ପ୍ରଶ୍ନପତ୍ରକୁ ଜେରକ୍ସ କରି ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ । ମାତ୍ର ଏହା ଠିକ ବୋଲି ଗ୍ରହଣ କରିପାରିନଥିଲି । ଫଳରେ ପ୍ରଶ୍ନ ପତ୍ର ଅଭାବରୁ ୨୫ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଂଚିତ ହୋଇ ଥିଲେ ବୋଲି କହିଥିଲେ ସୁପାରିଟେଣ୍ଡେ ଜଗନ୍ନାଥ ସାହୁ ।ତେବେ ପରୀକ୍ଷାର୍ଥୀମାନଙ୍କ ଭବିଷ୍ୟତ ସହ ଖେଳ ଖେଳିବା ନା ଶିକ୍ଷା ବିଭାଗର ରହିଛି ଅଥବା ସେଂଟର ସୁପାରିଟେଣ୍ଡେଂଟଙ୍କ ଅଛି । ଗଣଶିକ୍ଷା ମନ୍ତ୍ରୀ ପରୀକ୍ଷା ପରିଚାଳନାକୁ ନେଇ କୌଣସି ପ୍ରକାର ବ୍ୟତିକ୍ରମ ସାମ୍ନାକୁ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା କହି ଆସୁଥିବା ବେଳେ ଆଜି ଦେଖାଦେଇଥିବା ଗୁରୁତର ତ୍ରୁଟିକୁ ନେଇ କି ପ୍ରକାର ପଦକ୍ଷେପ ନେବେ ଏବଂ ପରୀକ୍ଷାରୁ ବଂଚିତ ହୋଇଥିବା ୨୫ ପରୀକ୍ଷାର୍ଥୀମାନଙ୍କୁ କେଉଁ ପ୍ରକାରର ନ୍ୟାୟ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଗିବ ୨ ଟି ଲୋଗୋ

ଭୁବନେଶ୍ୱର, ୧୯।୨(ପି.ଏନ): ରାଜ୍ୟରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଘରେ ପିଏମଏୱାଇଜି ଲୋଗୋ ସହିତ ବିଜୁ ପକ୍କାଘର ଲୋଗୋକୁ ସ୍ଥାପନ କରିବାପାଇଁ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଯୋଜନାରେ ପରିଣତ କରିବାକୁ ରାଜ୍ୟ ସରକାର ପ୍ରୟାସ କରି ନାହାନ୍ତି । ପିଏମଏୱାଇଜି ଯୋଜନାରେ ରାଜ୍ୟ ଅଂଶଧନ ରହିଥିବାରୁ ବିଜୁ ପକ୍କାଘର ନାମକୁ ପିଏମଏୱାଇଜି ସହିତ ଉଲ୍ଲେଖ କରିବା ଯଥାର୍ଥ ଓ ଉଚିତ୍ ପଦକ୍ଷେପ ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ବୁଧବାର ବିଧାନସଭାରେ ଜୟନାରାୟଣ ମିଶ୍ର , ମୋହନ ଚରଣ ମାଝୀ , ବିଷ୍ଣୁ ଚରଣ ସେଠୀ, ମୁକେଶ ମହାଲିଙ୍ଗ , ସନାତନ ବିଜୁଳି , ନାଉରୀ ନାଏକ ଏବଂ ନବ ଚରଣ ମାଝୀ ଆଣିଥିବା ଏସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତରରେ ମନ୍ତ୍ରୀ ଏହା କହିଥିଲେ । ଅନ୍ୟପକ୍ଷରେ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ କାଟନ୍ତୁ , ଯୋଗ୍ୟ ହିତାଧିକାରୀଙ୍କୁ ଘର ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦାବି କରିଥିଲେ । ମନ୍ତ୍ରୀଙ୍କ ଉତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ । ମୋହନ ମାଝୀ କହିଥିଲେ ଯେ ରାଜ୍ୟରେ କେତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ବିଜୁ ପକ୍କା ଘର ଯୋଜନାରେ କେତେ ଘର ହୋଇଛି ଓ ଏଥିପାଇଁ କେତେ ଖର୍ଚ୍ଚ ହୋଇଛି , କେତେ ଟାର୍ଗେଟ୍ ଥିଲା ଓ କେତେ ପୂରଣ ହୋଇଛି ତାର ପୂର୍ଣ୍ଣାଙ୍ଗ ତଥ୍ୟ ଗୃହରେ ରଖାଯାଉ । ଭୂମିହୀନ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ସେ ଦାବି କରିଥିଲେ । ହିତାଧିକାରୀଙ୍କ ତାଲିକାରେ ତ୍ରୁଟି ରହିଛି । ଏହାର ସମୟସୀମା ବୃଦ୍ଧି କରାଯାଇ ସଠିକ୍ ତାଲିକା ପ୍ରକାଶ କରାଯାଉ । ସେହିପରି ଫନି ପ୍ରଭାବିତ ଲୋକଙ୍କୁ ମଧ୍ୟ ଘର ଦିଆଯାଉ । ଭାସ୍କର ମଢେଇ କହିଥିଲେ ଯେ ପିଇଓମାନେ ଲୋକଙ୍କ ପାଖକୁ ନଯାଇ ବ୍ଲକ୍ ଅଫିସ୍‌ରେ ବସି ତାଲିକା ପ୍ରସ୍ତୁତ କରୁଛନ୍ତି । ସନ୍ତୋଷ ସିଂହ ସାଲୁଜା କହିଥିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପୂର୍ବରୁ ଇନ୍ଦିରାଆବାସ ଯୋଜନା ଥିଲା । ଏନଡିଏ ସରକାର ଏହାର ନାମ ପରିବର୍ତନ ସହ ଅନୁଦାନ ମଧ୍ୟ କମାଇଛନ୍ତି । ଅଶ୍ୱିନୀ ପାତ୍ର , ରମେଶ ଚନ୍ଦ୍ର ସାଏ, ପ୍ରଫୁଲ୍ଲ ସାମଲ , ଧ୍ରୁବ ଚରଣ ସାହୁ ପ୍ରମୁଖ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ପଶ୍ଚିମବଙ୍ଗରେ ଏହି ଯୋଜନାରେ ମିଳୁଥିବା ଘରେ ବାଂଲା ଆବାସ ଯୋଜନା ଲେଖାଯାଉଛି ।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ବନ୍ତରୁ ଶ୍ରୀକ୍ଷେତ୍ର ଦୌଡିବେ ସୌରଭ ; ପ୍ରଶାସନର ସହାୟତା ଲୋଡୁଛନ୍ତି

ଭଦ୍ରକ: ବନ୍ତରୁ ପୁରୀ ଯାଏ ପ୍ରାୟ ୫୨୨୦ କିମି ରାସ୍ତା ଦୌଡିବେ ସୌରଭ। ସୌରଭଙ୍କ ଘର ଏହି ଜିଲାର ବନ୍ତରେ। ସେ +୨ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ଘରେ ଆସନ୍ତା ୧୯ ରେ ଭୋର ୪ ଟାରୁ ସେ ଦୌଡ କାର୍ଯ୍ୟକ୍ରମ ଆରମ୍ଭ କରିବାର ନିଷ୍ପତ୍ତି ନେଇଛନ୍ତି ଏବଂ ଗତ ୧୪ ତାରିଖରେ ସ୍ପିଡି ପୋଷ୍ଟ ଜରିଆରେ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହଯୋଗ ସଂପର୍କିତ ପ୍ରତ୍ୟୁତ୍ତର ନପାଇ ନିରୁତ୍ସାହିତ ହୋଇପଡିଛନ୍ତି। ସରକାରଙ୍କ ତରଫରୁ କ୍ରୀଡାର ବିକାଶ ପାଇଁ ବହୁବିଧ ବ୍ୟବସ୍ଥା ଓ ସୁବିଧା ରହିଥିବାବେଳେ ଦୌଡ କ୍ଷେତ୍ରରେ ସଫଳତା ପାଇଁ ବନ୍ତ ବ୍ଲକ୍ ତଥା ଭଦ୍ରକ ଜିଲାର ଗୌରବ ବଢାଇବାକୁ ଚାହୁଁଥିବା ଜଣେ କ୍ରୀଡାବିତ୍ ପାଇଁ ପ୍ରଶାସନିକ ସହଯୋଗର ଆବଶ୍ୟକତା ମିଳିବା ନିହାତି ଜରୁରୀ ବୋଲି ଜନ ସାଧାରଣରେ ଚର୍ଚ୍ଚା ହେଉଛି। ଗୋଟିଏ ଦିନ ପରେ ୧୯ ତାରିଖ ଭୋର୍‌ରୁ ବନ୍ତରୁ ପ୍ରାୟ ୫୨୦୦ କିମି ଦୂର ଶ୍ରୀକ୍ଷେତ୍ର ପୁରୀ ପର୍ଯ୍ୟନ୍ତ ଦୌଡିବେ ବନ୍ତ ସେଠୀ ସାହିର ଯୁବ ଧାବକ ସୌରଭ ସେଠୀ, ପିତା-ଉଦୟ ନାଥ ସେଠୀ ଦୌଡ କ୍ଷେତ୍ରରେ ଅଭ୍ୟାସ ଜାରି ରଖି ନିକଟରେ ଫେବୃୟାରୀ ୪ ତାରିଖ ରେ ବନ୍ତରୁ ୭୦ କିମି ଦୂର ଘଟଣା ତାରିଣୀ ପର୍ଯ୍ୟନ୍ତ ଦୌଡି ଦୌଡି ଯାଇଥିବାର ଦାବୀ କରନ୍ତି। ଏଥିସହିତ ପ୍ରତିଦିନ ୨୦ କିଲୋ ମିଟର ଦୌଡିବା ଅଭ୍ୟାସ ଜାରି ରଖିଥିବାର ପ୍ରକାଶ କରିଛନ୍ତି। ସୈନ୍ୟ ବିଭଗାରେ ଚାକିରୀ କରି ଦେଶ ସେବା କରିବାର ଇଚ୍ଛା ରଖିଛନ୍ତି ସେ। ପାଠପଢା ପରେ ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବା ସହିତ ଦୌଡାଭ୍ୟାସ ଜାରି ରଖିଥିବା ସୌରଭ କୌଣସି ଠାରୁ ଏଥି ସଂପର୍କରେ ପୁରସ୍କୃତ ହୋଇନଥିଲେ ମଧ୍ୟ ଦୌଡ ନିଶାରେ ପଡିଯାଇଥିବାର ପ୍ରକାଶ କରିଛନ୍ତି। ବନ୍ତରୁ ପୁରୀ ପ୍ରାୟ ୫୨୦୦ କିମି ଦୌଡିବାର ନିଷ୍ପତ୍ତି ନେଇ ରାସ୍ତା ମଧ୍ୟରେ ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସହଯୋଗ ଯୋଗାଇ ଦେବା ପାଇଁ ଗତ ୧୪ ତାରିଖରୁ ଜିଲା ପ୍ରଶାସନକୁ ନିବେଦନ କରିବା ସହିତ ମୁଖ୍ୟମନ୍ତ୍ରୀ, ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରୀ, କ୍ରୀଡା ସଚିବ, ଭଦ୍ରକ ଜିଲାପାଳ ଆରକ୍ଷୀ ଅଧିକ୍ଷକ, ମୁଖ୍ୟ ଚିକିତ୍ସାଧିକାରୀ, ସୂଚନା ଓ ଲୋକସଂପର୍କ ଅଧିକାରୀ, ବନ୍ତ ତହସିଲଦାର, ବନ୍ତ ଥାନା, ଗୋଷ୍ଠୀ ଚିକିତ୍ସାଧିକାରୀ, ଆଗରପଡା ପ୍ରମୁଖଙ୍କ ସ୍ପିଡି ପୋଷ୍ଟ ମାଧ୍ୟମରେ ଅବଗତ କରାଇଥିବାର ପ୍ରକାଶ କରିଛନ୍ତି।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯିବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମାନସିକ ସୁସ୍ଥତା ଓ ସାମାଜିକ ସହାବସ୍ଥାନ



ଶରୀର ଓ ମନ ଉଭୟର ସୁସ୍ଥତାକୁ ସ୍ୱାସ୍ଥ୍ୟ କୁହାଯାଏ । କୁହାଯାଏ: ସୁସ୍ଥ ଶରୀରରେ ସୁସ୍ଥ ମନଟିଏ ବାସକରେ । ଅନ୍ୟପକ୍ଷରେ ମାନସିକ ସୁସ୍ଥତା ନଥିଲେ ଶରୀର ଠିକ୍ ରୁହେ ନାହିଁ । ଚିନ୍ତାଗ୍ରସ୍ତ ବା ଚାପଗ୍ରସ୍ଥ ଅଥବା କୌଣସି କାରଣବଶତଃ ବିକାର ବା ବିକୃତଶଗ୍ରସ୍ତ ମାନସିକତା ହିଁ ମାନସିକ ଅସୁସ୍ଥତାର କାରଣ ଅଟେ । ଶରୀରିକ ସୁସ୍ଥତା ଅପେକ୍ଷା ମାନସିକ ସୁସ୍ଥତାର ଗୁରୁତ୍ୱବେଶୀ । ମାନସିକ ସୁସ୍ଥତା ଥିଲେ ମନ ଭଲ ରହେ । ଏହା ସମସ୍ତ କାର୍ଯ୍ୟ କରିବାକୁ ସାମର୍ଥ୍ୟ ଯୋଗାଏ ଏବଂ ସବୁକିଛି ଭଲ ପାଇବାକୁ ଶିଖାଏ । ମେଣ୍ଟାଲ ସ୍ୱାସ୍ଥ୍ୟ ସଂପର୍କରେ ୟୁ.ଏସ୍.ସର୍ଜନ ଜେନେରାଲ କୁହନ୍ତି- (୧୯୯୯) "Mental health is the sucessful performance of metal funcation, resulting in productive activities, fulfiling ralationaships with other people, and providing the abitily to adopt to change and cope with adversit." ଅନ୍ୟପକ୍ଷରେ ମାନସିକ ଅସୁସ୍ଥତା କହିଲେ ଏହା ମାନସିକ ସ୍ତରର ସବୁପ୍ରକାର ରୁଗ୍ଣର ବା ବିଶୃଙ୍ଖଳାକୁ ବୁଝାଏ । : "It collectively refers to all diagnosable mental disorders- health conditions characterized by alterations in thinking, mood or behaviour associated with distress or impaired functioning." ଏହି ସମସ୍ତ ରୋଗ, ମାନସିକ ଅସୁସ୍ଥତା ଏବଂ ଚିନ୍ତା ତଥା ଚାପର କାରଣ ହୋଇଥାଏ । ୧. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (W.H.O) ଅନୁଯାୟୀ: "Mental health includes, 'subjective wellbeing, perceived self- efficasy, autonomy, competence,inter-generational dependance, and self-actualization of once intellectual and emotional potential, among others." ମାନସିକ ଅସୁସ୍ଥତା ବ୍ୟକ୍ତିଟିଏ ନିଜକୁ ନାନା ପ୍ରକାର ମାନସିକ ଚାପ ବା ଉତ୍ତେଜନା, ନିଃସଙ୍ଗତା, ଅବସନ୍ନତା, ଉଦ୍‌ବେଗତା, ଚିନ୍ତିକିତା, ସଂପର୍କ ଓ ସମସ୍ୟା, ଆପଣା ଲୋକର ମୃତ୍ୟୁଜନିତ ବ୍ୟାକୁଳତା, ଆତ୍ମହତ୍ୟା ସଂପର୍କିତ ଚିନ୍ତା, ଦୁଃଖ ନିଶାସକ୍ତତା, ଏଡ୍‌ଏଚ୍‌ଡି, ମାନସିକ ଅବସ୍ଥାରେ ଅସ୍ଥିରତା ଏବଂ ଏମିତି ଯେତେ ତଥା ଯେତେ ଅକ୍ଷମତାର ଶିକାର ହୁଏ । ଏସବୁରୁ ମୁକ୍ତି ପାଇଁ ଚିକିତ୍ସକ (ଥେରାପିଷ୍ଟସ), ମାନସିକ ରୋଗ ବିଶେଷଜ୍ଞ (ସାଇକିଆ ଟ୍ରିଷ୍ଟସ୍), ମନସ୍ତତ୍ତ୍ୱବିତ୍ (ସାଇକୋ ଲୋଜିଷ୍ଟସ୍), ସାମାଜିକ କର୍ମୀ (ସୋସିଆଲ୍ ୱାର୍କର), ପେଶାଧାରୀ ସେବିକା(ନର୍ସ ପ୍ରାକ୍ଟିସନ୍‌ର) ବା ଡାକ୍ତରମାନଙ୍କ ସହଯୋଗ ନିଆଯାଇପାରେ ଏବଂ ଥେରାପି, ପରାମର୍ଶ ବା ଔଷଧ ସେବନ ଦ୍ୱାରା ଆୟତ୍ତ ଅଣାଯାଇପାରେ । ଦେଖାଯାଇଛି ଯେ ମାନସିକ ଅସୁସ୍ଥତା ରୋଗୀଙ୍କ ସଂଖ୍ୟା ଏବେ କ୍ୟାନସର, ମଧୁମେହ ବା ହୃଦ୍‌ରୋଗଙ୍କ ସଂଖ୍ୟା ଅପେକ୍ଷା ଦିନକୁ ଦିନ ଢ଼େର ବଢ଼ିଚାଲିଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଏ ପ୍ରକାର ରୋଗୀଙ୍କ ସଂଖ୍ୟା ପ୍ରାୟ ୨୬ ଶତାଂଶ, ବିଶେଷକରି ୧୮ ଏବଂ ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କ ସଂଖ୍ୟା ଅଧିକ । ପାଖାପାଖି ୬ ଶତାଂଶ ବୟସ୍କ ଲୋକ ମଧ୍ୟ ଏହାଦ୍ୱାରା ଆକ୍ରମିତ ଅର୍ଥାତ୍ ପ୍ରତି ୧୭ ଜଣରେ ଜଣେ ମାନସିକ ବେମାରୀ ଥାଆନ୍ତି, ଏମାନଙ୍କ ମଧ୍ୟରୁ କ୍ୱଚିତ ଚିକିତ୍ସାର ସୁଯୋଗ ପାଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନରୁ ଜଣାଯାଏ ଯେ ପାଖାପାଖି ବିଶ୍ୱ ଜନସଂଖ୍ୟାର ଅର୍ଦ୍ଧେକ ମାନସିକ ରୋଗାକ୍ରାନ୍ତ । ଏହାର ବହୁବିଧ କାରଣ ଅଛି । ତେବେ ଜଣେ ବ୍ୟକ୍ତି ନିଜସ୍ୱ କାରଣରୁ ଅଧିକାଂଶ ସମୟରେ ଏହାର ଶିକାର ହୋଇଥାଏ । ଏଠାରେ ସୂଚିତ କରାଯାଇପାରେ ଯେ ଜଣଙ୍କର ମାନସିକ ଅସୁସ୍ଥତା କେବଳ ତାହାକୁ ପ୍ରଭାବିତ କରିନଥାଏ । ତାସହିତ ତା ପରିବାର, ବନ୍ଧୁ ଓ ପରିବେଶକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ତା ଛୁଆମାନେ ମଧ୍ୟ ପ୍ରଭାବିତ ହୁଅନ୍ତି ଅଥାତ୍ ସେ ନିଜେ ନିଜର ଦୁଃଖର କାରଣ ପରିବାରର, ସମାଜର ଏବଂ ସାମଗ୍ରିକ ଭାବେ ଏ ବିଶ୍ୱର ମଧ୍ୟ ଚିନ୍ତାର କାରଣ ଥାଏ । ମାନସିକ ରୋଗୀଟିର ପ୍ରଭାବ ଶିଶୁମାନଙ୍କ ଉପରେ ପଡ଼େ । ସାଧାରଣତଃ ଶିଶୁମାନଙ୍କ ମଧ୍ୟରେ ମାନସିକ ରୋଗୀ ପ୍ରାୟତଃ ନଥାନ୍ତି । ତେବେ ସିଜୋଫ୍ରେନିଆ ପରି କିଛି ମାନସିକ ରୋଗ ବଂଶଗତ ପ୍ରଭାବ ଥିବାରୁ ତାହା ସନ୍ତାନମାନଙ୍କଠାରେ ଦେଖାଯାଏ । ତେବେ ଗୋଟିଏ ଶିଶୁଠାରେ ମାନସିକ ଅସୁସ୍ଥତା ଦେଖାଗଲେ ଏଠାରେ ତା ପିତାମାତା ଓ ଆତ୍ମୀୟସ୍ୱଜନଙ୍କର ତା' ପାଇଁ ସେମାନେ କ'ଣ କରିବା ଉଚିତ୍ ବା ଅନୁଚିତ୍ ବିଚାରିବା କଥା । ଦେଖିବା କଥା ଯେ ସେ ଯେମିତି ଏକ ବଂଚିତ ଶିଶୁ ନହେଉ । ଅନେକ ସମୟରେ ପିତାମାତା ନିଜ ଶିଶୁର ମାନସିକ ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି । ଏଥିପାଇଁ ସେମାନଙ୍କର ଲାଳନପାଳନର ତରିକା ହିଁ ଦାୟୀ । ଯଦି କୌଣସି କାରଣରୁ ଶିଶୁଟି ତା ଶୈଶବରୁ ତା ପରିବାରରେ ନିଜକୁ ନିଃସଙ୍ଗତା ବା ନିରାପତ୍ତା ବା କୌଣସି ପ୍ରକାର ଅଭାବ ଅନୁଭବ କରେ ସେ ଏକ ମାନସିକ ଅସୁସ୍ଥତା ଦେଇ ନିଶ୍ଚୟ ଗତିକରେ । ସୁସ୍ଥ ମାନସିକତା ଅଭାବଗ୍ରସ୍ଥ ବ୍ୟକ୍ତିଟି ସମାଜ ସହିତ ଖାପ ଖୁଆଇପାରେନା । ଏପରିସ୍ଥଳେ ଆମେ ତା ସାହାଯ୍ୟରେ ଆସିବା ଉଚିତ୍ । କଥିତ ଅଛି : ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଟିଏ ସହ ବଂଚିବା ବଡ଼ କଷ୍ଟକର । ତେବେ ତା ପାଖଲୋକମାନେ ଅନ୍ତତଃ ଏ ଜୀବନକୁ ଟିକେ ସହଜ କରାଇବା ଉଚିତ୍ : "Living with mental disorder is never easy, so it is always important to have people around him to make the days a little easier." ମାନସିକ ସୁସ୍ଥତା ସହ ସୁସ୍ଥ ବିଶ୍ୱଟିଏର କଳ୍ପନା କରି ୧୯୯୨ ମସିହା ଠାରୁ ପ୍ରତିବର୍ଷ ୧୦ ଅକ୍ଟୋବର ଦିନ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଗଠନ ସହାୟତାରେ ୧୯୯୨ରେ ୧୫୦ରାଷ୍ଟ୍ରଙ୍କର ସର୍ବସମ୍ମତି କ୍ରମେ ବିଶ୍ୱରେ ମାନସିକ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ସଚେତନତା ଉଦ୍ଦେଶ୍ୟରେ ଏ ଦିବସ ପାଳନର ଗୁରୁତ୍ୱ ନିଆଯାଇଛି । ବିଶ୍ୱାସ ପ୍ରତ୍ୟେକ ସଚେତନ ନାଗରିକ ଏହାର ତାତ୍ପର୍ଯ୍ୟ ଉପଲବ୍ଧି କରିବେ ଏବଂ ସେହି ଅନୁସାରେ ନିଜକୁ, ନିଜ ପରିବେଶ ଓ ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ସ୍ୱାସ୍ଥ୍ୟ ହିଁ ସଂପଦ ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଐତିହାସିକ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର (ପିଏନ୍): ଦୀର୍ଘ ୭ ବର୍ଷର ନିରନ୍ତର ଆନ୍ଦୋଳନ ଓ ଆଲୋଚନା ପରେ ୨୦୨୦ରୁ ଆମ ସଂଘର ଦାବି ଅନୁଯାୟୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଗ୍ରୁପ୍-ଡ଼ିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ୫୦% ଆଇଥାନ କରିବେ ବୋଲି ଯେଉଁ ଐତିହାସିକ ଘୋଷଣା କରିଛନ୍ତି ତାହାକୁ ମୃତକ କର୍ମଚାରୀ ପରିବାର ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ସୂଚନାଯୋଗ୍ୟ ଯେ, ଏ ନେଇ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା ଏବଂ ସୁପ୍ରିମକୋର୍ଟଙ୍କ ୧୯୯୦ ରାୟ ଅନୁଯାୟୀ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଗ୍ରୁପ୍-ସି ଏବଂ ଗ୍ରୁପ୍-ଡ଼ି ପଦବୀରେ ୧୦ ପ୍ରତିଶତ ଥଇଥାନ କରିବାର ବ୍ୟବସ୍ଥା ଥିବାବେଳେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କିତ ଦାବିକୁ ଗୁରୁତ୍ୱର ସହ ବିଚାର କରି ଏହାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ଏହା କେବଳ ସଂଘର ବିଜୟ ନୁହେଁ, ବରଂ ମୁଖ୍ୟମନ୍ତ୍ରୀଙ୍କର ସମ୍ବେଦନଶୀଳତା ଓ ସକ୍ରିୟତାର ସନ୍ଦେଶ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସଭାପତି ପାର୍ଥସାରଥୀ ଜେନା ପ୍ରକାଶ କରିଛନ୍ତି । ସଂଘ ପକ୍ଷରୁ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ମଧ୍ୟ ଏକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଛି । ଏଥିରେ ସମସ୍ତ ଜିଲ୍ଲାର ସଭାପତି ଉପସ୍ଥିତ ଥିଲେ ।

## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା କଳିଙ୍ଗସେନା

ଭୁବନେଶ୍ୱର (ପିଏନ୍): ଭାଲେଣ୍ଟାଇନ୍ ଦିବସରେ ପ୍ରେମୀ ଯୁଗଳଙ୍କୁ ବିରୋଧ କରି ଆସୁଥିବା କଳିଙ୍ଗସେନା କିନ୍ତୁ ଭିନ୍ନ ଢଙ୍ଗରେ ପାଳନ କରିଛି ଏହି ପ୍ରେମ ଦିବସକୁ । ଇନ୍ଦିରା ଗାନ୍ଧୀ ପାର୍କରେ ପୁଲୱାମା ଆକ୍ରମଣରେ ବର୍ଷକ ତଳେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ସେନା ସୁପ୍ରିମୋ ହେମନ୍ତ ରଥ ଓ କଳିଙ୍ଗ ସୈନିକମାନେ । ଏହି ଅବସରରେ ଶ୍ରୀ ରଥ କହିଛନ୍ତି ଯେ ବର୍ଷକ ତଳେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତମାତାର ଯେଉଁ ୪୦ଜଣ ବୀର ଯବାନ ଶହୀଦ ହୋଇଥିଲେ ସେମାନଙ୍କ ପାଇଁ ସମସ୍ତେ ପ୍ରେମ ଦିବସକୁ ଉତ୍ସର୍ଗ କରିବା ଆବଶ୍ୟକ । ଏଥିପାଇଁ ସେନା ପକ୍ଷରୁ ଏଭଳି ଭାବେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ତେବେ ପ୍ରେମୀ ଯୁଗଳଙ୍କୁ ସୁରକ୍ଷା ପ୍ରଦାନ କରାଯିବ ବୋଲି ପୁଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ଶ୍ରୀ ରଥ କଡା ଭାଷାରେ ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ ପୁଲିସ୍ କମିଶନର ପାଶ୍ଚାତ୍ୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବାପାଇଁ ଯେଉଁ ଉଦ୍ୟମ କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଓଡିଶା ଭଳି ସଂସ୍କୃତିସମ୍ପନ୍ନ ରାଜ୍ୟରେ ଏହାକୁ ସମସ୍ତେ ବିରୋଧ କରିବା ଆବଶ୍ୟକ । ତେବେ ପ୍ରେମ ଦିବସରେ କଳିଙ୍ଗସେନାର ଏଭଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି । ସେନାର ସାଧାରଣ ସମ୍ପାଦକ ସ୍ୱାତୀଶ ରଞ୍ଜନ ସାହୁ, ବିଜୟ ରାଜ୍, ମନୋଜ ନାୟକ, ଅବ୍ଦୁଲ କୟିମ ଖାନ, ଭକ୍ତଶେଖର ରାୟ, ପ୍ରଦୀପ ସାହୁ, ନାରୀନେତ୍ରୀ ରେଣୁବାଳା ମହାନ୍ତି, ଦିପ୍ତୀମୟୀ ମହାପାତ୍ର, ବିଷ୍ଣୁ ଦାସ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶମାତୃକାର ସେବା କରିବା ପାଇଁ ଯୁବଛାତ୍ର ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ ।

## ଟିକ୍‌ଟକ୍ ନିଶାରେ ଡାକ୍ତର

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଟିକ୍‌ଟକ୍ ନିଶାରେ ପଡି ଯାଇଛନ୍ତି । ରୋଗୀମାନେ ଉତ୍ତମ ସେବା ପାଇବାରୁ ବଂଚିତ ହେଉଥିବା ବେଳେ ଡାକ୍ତର ଟିକ୍‌ଟକ୍ ନିଶାରେ ପଡି ସେବା ଭୁଲିବାକୁ ବସିଲେଣି ବୋଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଗତ କିଛିଦିନ ହେଲା ସଂପୃକ୍ତ ଡାକ୍ତରଙ୍କ ଏକାଧିକ ଟିକ୍‌ଟକ୍ ଭିଡିଓ ଭାଇରାଲ୍ ହେବାରେ ଲାଗିଛି । ଡାକ୍ତର ଜଣକ ବିଭିନ୍ନ ଗୀତରେ ଅଙ୍ଗଭଙ୍ଗୀ କରୁଥିବାର ଦେଖିବାକୁ ମିଳୁଛି । ଡାକ୍ତର ଟିକ୍‌ଟକ୍ ଭିଡିଓ କରିବାରେ ବ୍ୟସ୍ତ ରହୁଥିବାରୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରୁନାହାଁନ୍ତି । ତେଣୁ ସଂପୃକ୍ତ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରିବାକୁ ଲୋକମାନେ ଦାବି କରିଛନ୍ତି ।

# ପନିପରିବାରେ ସବୁଜ ବିଷ !



ଭୁବନେଶ୍ୱର (ପିଏନ୍): ମନୁଷ୍ୟର ସ୍ୱାସ୍ଥ୍ୟଗତ ମୁଖ୍ୟ ଅବଲମ୍ବନ କୁହାଯାଉଥିବା ପନିପରିବାରେ ବିଷ ଭରି ଗଲାଣି । ଆଖିକୁ ସବୁଜ ଦେଖାଯାଉଥିବା କଞ୍ଚା ପରିବାରେ ଦିନକୁ ଦିନ ବିଷର ମାତ୍ରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । କେବଳ ଚକ୍‌ଚକିଆ ବା ଦାମୀ ଫଳ ନୁହେଁ, କଦଳୀ ମଧ ବାଦ୍ ପଡୁନି । ପରିବାକୁ ଅଧିକ ସବୁଜ ଓ ସତେଜ ଦେଖାଇବା ପାଇଁ ବିଭିନ୍ନ ସମୟରେ ରଙ୍ଗଠାରୁ ଆରମ୍ଭ କରି ପଚାଇବା ପାଇଁ ବିଭିନ୍ନ ଗ୍ୟାସ ବି ପ୍ରୟୋଗ କରାଯାଉଛି ଯାହାଦ୍ୱାରା ସାଧାରଣ ଲୋକମାନେ ଜାଣନ୍ତରେ ହେଉ ବା ଅଜାଣତରେ ସେମାନଙ୍କ ଶରୀରରେ ଜମା ହେଉଛି ବିଷ । କଦଳୀକୁ ତୁରନ୍ତ ପଚାଇବା ପାଇଁ ଏସିଟିଲିନ୍ ଗ୍ୟାସ ପ୍ରୟୋଗ କରାଯାଉଛି । ସେହିପରି ଚିକ୍‌ଚିକ୍ ଦେଖାଇବା ପାଇଁ ସେଓକୁ ପତଳାର ଏକ ୱାକ୍ସ ବା ମହମର ପ୍ରଲେପ ଦିଆଯାଉଛି । ଖାଉଟିଙ୍କ ଅଗୋଚରରେ ଖାଦ୍ୟରେ ବିଷ ପ୍ରୟୋଗ କରାଯାଉଥିବା ଘେନି ଜାତୀୟ ମାନବିକ ଅଧିକାର କମିଶନ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଏହି ମହାମାରୀର ପ୍ରତିକାର ପାଇଁ ସେମାନେ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସଂକ୍ରାନ୍ତରେ ନୋଟିସ୍ ଜାରି କରିବା ପରିପ୍ରେକ୍ଷୀରେ ରାଜ୍ୟ ପ୍ରଶାସନରେ ତତ୍ପରତା ପ୍ରକାଶ ପାଇଛି । ଦୁଧ ଠାରୁ ଆରମ୍ଭ କରି ପନିପରିବା, ଫଳମୂଳ, ଶାଗ, ମାଛ, ମାଂସ, ଛେନା, ଡାଲି, ତୈଳବୀଜ ଆଦି ବଜାରରେ ମିଳୁଥିବା ପ୍ରାୟ ସବୁ ଖାଦ୍ୟ ସାମଗ୍ରୀରେ ପ୍ରଚୁର ପରିମାଣର କୀଟନାଶକ ରହୁଛି । ଏମିତିକି ଅନେକ ଅଞ୍ଚଳରେ ପାନୀୟ ଜଳ ବି ବିଷାକ୍ତ । ପୂର୍ବରୁ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭିରନମେଣ୍ଟ ଏହି ଗୁରୁତର ପ୍ରସଙ୍ଗ ଘେନି ଜନସାଧାରଣଙ୍କୁ ସତର୍କ କରାଇବା ସଙ୍ଗେ ସଙ୍ଗେ ସରକାରଙ୍କୁ ବି ଅବହିତ କରିଥିଲା । ଗତ କିଛି ବର୍ଷ ମଧ୍ୟରେ ଏ ସବୁ ଖାଦ୍ୟ ପଦାର୍ଥରେ କୀଟନାଶକର ପରିମାଣ ଦ୍ୱିଗୁଣ ବଢ଼ିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ମଧ୍ୟ ସ୍ୱୀକାର କରିଆସୁଛି । ଭାରତ ସରକାରଙ୍କ ଖାଦ୍ୟ ନିରାପତ୍ତା ମାନକ ସଂସ୍ଥା ବିଭିନ୍ନ ସ୍ଥାନରୁ ନମୁନା ନେଇ କରିଥିବା ପରୀକ୍ଷାରେ ବି ଏହାର ପ୍ରମାଣ ମିଳିଛି । କେବଳ ସେତିକି ନୁହେଁ ଦୁଧ, ଛେନା, ଦହି ଆଦିରେ ବ୍ୟାପକ ଅପମିଶ୍ରଣ ଆମ ରାଜ୍ୟ ତଥା ଦେଶରେ ଏକ ମାମୁଲି ଘଟଣାରେ ପରିଣତ ହୋଇଗଲାଣି । ଲୁଗାଧୁଆ ପାଉଡରରେ ବିଭିନ୍ନ ରାସାୟନିକ ପଦାର୍ଥ ଏମିତିକି ମଲା ଜୀବଜନ୍ତୁ ସଂରକ୍ଷିତ ରଖିବା ଲାଗି ବ୍ୟବହୃତ ଫର୍ମାଲିନ୍ ସିନ୍ଥେଟିକ ଦୁଧ ପ୍ରସ୍ତୁତିରେ ବ୍ୟବହୃତ ହେଉଛି । ବଜାରରେ ପ୍ରଚୁର ପରିମାଣର ନକଲି ପନିର୍ ଉପଲବ୍ଧି । ଗାଈମାନଙ୍କ ଠାରୁ ଅଧିକ ଦୁଧ ସଂଗ୍ରହ ପାଇଁ ଦିଆଯାଉଥିବା ମାରାତ୍ମକ ଇଞ୍ଜେକ୍ସନ ଓ ରାସାୟନିକ ଦାନାର ପ୍ରଭାବ ବି ଦୁଧରେ ରହୁଛି । ଗ୍ରାହକମାନେ ଏହା ସେବନ କରିବା ଫଳରେ ବିଭିନ୍ନ ରୋଗବ୍ୟାଧିର ଶିକାର ହେଉଛନ୍ତି । କିଛି ବର୍ଷ ତଳେ ଏଫ୍‌ଏସ୍‌ଏସ୍‌ଆଇ ଓଡ଼ିଶାରେ କରିଥିବା ଅନୁଧ୍ୟାନରୁ ଏଭଳି ଅପମିଶ୍ରିତ ତଥା ବିପଦଜ୍ଜନକ ଦୁଧର ନମୁନା ପାଇଥିଲା । ଅଧିକ ଫସଲ ଫଳାଇବା ପାଇଁ ଆଖିବୁଜା ରାସାୟନିକ ସାର, କୀଟନାଶକ ଔଷଧ ଏବଂ ହରମୋନ ପ୍ରୟୋଗ ଏବେ ସାଧାରଣ ପ୍ରଥାରେ ପଡ଼ିଗଲାଣି । କେବଳ ସେତିକି ନୁହେଁ ଶୁଖିଲା ପନିପରିବା ଓ ଫଳ ଦୀର୍ଘଦିନ ଧରି ସତେଜ ରଖିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ବେପାରୀମାନେ ବି ବିଭିନ୍ନ କିସମର ବିପଦଜ୍ଜନକ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି । ଏମିତିକି ଅଣ୍ଡା, ମାଂସ, ମାଛ ଆଦି ବି ଏହି ବିଷ ଚକ୍ରରୁ ମୁକ୍ତ ନୁହେଁ । ବଜାରରେ ମିଳୁଥିବା ଡାଲି ସମେତ ଅନ୍ୟାନ୍ୟ ଶସ୍ୟ ସଂରକ୍ଷଣ ପାଇଁ ବି ବିଭିନ୍ନ କିସମର ରାସାୟନିକ ପାଉଡର ବ୍ୟବହାର କରାଯାଉଛି । ଏମିତିକି ଆଉ କେତେକ ପ୍ୟାକେଟ୍ ଓ ଡବାରେ ଆସୁଥିବା ଖାଦ୍ୟ ସାମଗ୍ରୀରେ ମଧ୍ୟ ବ୍ୟାପକ ପରିମାଣର ରାସାୟନିକ ପଦାର୍ଥ ରହୁଛି । ଚିକିତ୍ସା ବିଜ୍ଞାନର ତଥ୍ୟ ଅନୁଯାୟୀ ଗବେଷକମାନେ କହୁଛନ୍ତି ଯେ ଅତ୍ୟଧିକ ରାସାୟନିକ ସାର, ହରମୋନ, କୀଟନାଶକ ଆଦିର କୁପ୍ରଭାବରେ ଲୋକେ କ୍ୟାନସର, କିଡ୍‌ନୀ, ହୃଦ୍‌ରୋଗ ଓ ଛାତି ରୋଗ, ସ୍ନାୟୁଗତ ରୋଗ, ଯକୃତ ରୋଗ ଆଦି ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି । ଏହି ତଥାକଥିତ ସବୁଜ ବିଷ ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲିଭର, ପେଟ ଓ କିଡ଼ନୀକୁ ଗୁରୁତର ଭାବେ ପ୍ରଭାବିତ କରେ । ପ୍ରାଥମିକ ସମୟରେ ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶ ନ ନେଲେ ଏହା ଲିଭର ସିରୋସିସ୍ ଏପରିକି ଯକୃତ କ୍ୟାନସରର କାରଣ ପାଲଟିଥାଏ । ଲିଭରକୁ ସଂଯୁକ୍ତ ହୋଇଥିବା ଦେହର ଆଭ୍ୟନ୍ତରୀଣ ସ୍ନାୟୁ ଏ କ୍ଷେତ୍ରରେ ଗୁରୁତର ଭାବେ ପ୍ରଭାବିତ ହେବାର ସମ୍ଭାବନା ବି ଦେଖାଯାଇଥାଏ । ବିକୃତ ସନ୍ତାନ ଜନ୍ମ ଏବଂ ସନ୍ତାନ ଉତ୍ପାଦିକା ଶକ୍ତି ହ୍ରାସର ଏହା ମଧ ଅନ୍ୟତମ କାରଣ । ରାଜ୍ୟରେ ବାର୍ଷିକ ପ୍ରାୟ ୩୦ ହଜାର ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ଏମାନଙ୍କ ଭିତରୁ ଅନ୍ୟୁନ ୬୭ ପ୍ରତିଶତଙ୍କ ମୃତ୍ୟୁର କାରଣ ମଦ, ତମାଖୁ ଓ ଅନ୍ୟାନ୍ୟ ନିଶା, କୀଟନାଶକ ଓ ରାସାୟନିକ ସାର ତଥା ପ୍ରଦୂଷଣ । ଏଥିଯୋଗୁଁ ବ୍ୟାପକ ଧନଜୀବନ କ୍ଷତି ଘଟୁଥିବା ବେଳେ ରୋକିବା ପାଇଁ ପର୍ଯ୍ୟାପ୍ତ ସଚେତନତା ନାହିଁ । ଏମିତିକି ଖାଉଟିଟିଏ ଚାହିଁଲେ ସେ କିଣୁଥିବା ସାମଗ୍ରୀ ବିଷମୁକ୍ତ କି ବିଷଯୁକ୍ତ ତାହା ତୁରନ୍ତ ପରୀକ୍ଷା ଲାଗି ବି କେହି ନାହାନ୍ତି । ଗୋଟିଏ ପଟେ ଜଳ, ବାୟୁ ଓ ମୃତ୍ତିକା ପ୍ରଦୂଷଣ ଓଡ଼ିଶା ପାଇଁ ଏକ ବଡ଼ ଆହ୍ୱାନ ହୋଇଥିବା ବେଳେ ବିଶ୍ୱର ତାପମାତ୍ରା ବୃଦ୍ଧି ପରିପ୍ରେକ୍ଷୀରେ ବିଷାକ୍ତ ଖାଦ୍ୟ ସାମଗ୍ରୀର ଲଗାମଛଡ଼ା ବିପଣନ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ତଥା ସେମାନଙ୍କୁ ଦିଆଯାଇଥିବା ସମ୍ବିଧାନ ପ୍ରଦତ୍ତ ବଞ୍ଚିବାର ଅଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**

## ଏସିବି ଫାଉଣ୍ଡେସନ ତରଫରୁ କୁରାଢ଼ିଘଷା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ 'ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ' ସଚେତନତା କାର୍ଯ୍ୟକ୍ରମ

ହାଟଡିହି (ପିଏନ୍): ହାଟଡିହି ବ୍ଲକର ଏସିବି ଫାଉଣ୍ଡେସନ କାହାଳିଆଗଡ଼ିଆ ତରଫରୁ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା କୁରାଢ଼ୀଘଷା ଉପ୍ରା ବିଦ୍ୟାଳୟରେ 'ପାଣି ପିଅନ୍ତୁ ସୁସ୍ଥ ରୁହନ୍ତୁ' ବା ସ୍ୱଚ୍ଛ ପାନୀୟ ଜଳ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନମାଳୀ ଦାସଙ୍କ ସଭାପତିତ୍ୱରେ ଏସିବି ଫାଉଣ୍ଡେସନର କାହାଳିଆଗଡ଼ିଆର ପ୍ରତିଷ୍ଠାତା ଅଲେଖ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଆବୀଳ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ପାଣି ବୋତଲ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗବାନ ନାୟକ, ସିଆରସିସି କମିଟିର ସଭାପତି ସୁରେନ୍ଦ୍ର କୁମାର ବେହେରା, କପିଳଚନ୍ଦ୍ର ବେହେରା, ବିଦ୍ୟାଳୟର ସଂଗଠକ ଶିବପ୍ରସାଦ ବେହେରା ଉପସ୍ଥିତ ରହିଥିଲେ । କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିବା ସହିତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାଣି ପିଇବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଜଳହିଁ ଜୀବନ ଅଟେ । ସ୍ୱଚ୍ଛ ପାନୀୟ ଜଳ କର ବ୍ୟବହାର ଆଦି ଉପଦେଶମାନ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ ।

## ବରିଷ୍ଠ ଦଲିଲ ଲେଖକଙ୍କ ମୃତ୍ୟୁ

ହାଟଡ଼ିହି (ପିଏନ୍): ହାଟଡ଼ିହି ବ୍ଲକର ଆଇଡିପୁର ପଂଚାୟତର ନୂଆଗାଁ ଗ୍ରାମର ବରିଷ୍ଠ ଦଲିଲ ଲେଖକ ବଟକୃଷ୍ଣ ବେହେରା(୬୭)ଙ୍କର ମୃତ୍ୟୁ ଘଟିଛି । ସେ ହାଟଡିହି ତହସିଲର ଦଲିଲ ଲେଖକ ଭାବେ କାର୍ଯ୍ୟ କରୁଥିଲେ । ସବୁଦିନ ପରି ସକାଳୁ ନିକଟସ୍ଥ ମନ୍ଦିରକୁ ଯାଇ ପରିଷ୍କାର ପରିଚ୍ଛନ୍ନ କରି ଘରକୁ ଫେରିଥିଲେ । ପରେ ନିକଟସ୍ଥ ବଜାରକୁ ଯାଇ ରକ୍ତ ପରୀକ୍ଷା କରିବାକୁ ବସିଥିବାବେଳେ ହଠାତ ତଳେ ପଡ଼ିଯାଇଥିଲେ । ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସେ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ଖବରପାଇ ତହସିଲରେ କାର୍ଯ୍ୟରତ କର୍ମଚାରୀ, ଭେଣ୍ଡର ଓ ଦଲିଲ ଲେଖକ, ଶ୍ରୀକାନ୍ତ ବିଶ୍ୱାଳ, କୃପାସିନ୍ଧୁ ସ୍ୱାଇଁ, ପ୍ରଦୀପ ଖୁଂଟିଆ, ଅନନ୍ତ ଚରଣ ସ୍ୱାଇଁ, ସବରେଜିଷ୍ଟ୍ରାର ଅଫିସ୍‌ର କିରାଣୀ ମନୋରଂଜନ ଜେନା, ଚୈତନ୍ୟ ମହାନ୍ତ, ଦୋଳଗୋବିନ୍ଦ ପଟ୍ଟନାୟକ, ଚତୁର୍ଭୁଜ ସ୍ୱାଇଁ, ଶରତ ଚନ୍ଦ୍ର ବେହେରା, ସନାତନ ବେହେରା, ପଂଚାନନ ମିଶ୍ର, ରବିନ୍ଦ୍ର ମହାପାତ୍ର, ବଳରାମ ମଲ୍ଲିକ, ନନ୍ଦା ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଛାତ୍ରସମାଜର ଉନ୍ନତିରେ ଦେଶର ଉନ୍ନତି



ଭୁବନେଶ୍ୱର (ପିଏନ୍): ଛାତ୍ରସମାଜର ଉନ୍ନତିରେ ଦେଶର ଉନ୍ନତି ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ପ୍ରକାଶ କରିଛନ୍ତି । କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ଓଡ଼ାସିଂହଠାରେ ଥିବା ଯତୀନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ଯତୀନ୍ଦ୍ରନାଥ ପ୍ରଧାନଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଜଷ୍ଟିସ ରଥ କହିଛନ୍ତି ଯେ, ଏହି ଓଡ଼ାସିଂହ ଅଞ୍ଚଳରେ ବିଦ୍ୟାଳୟ ନଥିବା ସମୟରେ ନିଜର ଜମି ଦାନକରି ଯତୀନ୍ଦ୍ରନାଥ ପ୍ରଧାନ ଏହି ବିଦ୍ୟାଳୟକୁ ସ୍ଥାପନା କରିଥିଲେ । ସମାଜପ୍ରତି ଏହାଠାରୁ ଅଧିକ ମହତ୍ ଦାନ ଆଉ କିଛି ନାହିଁ ବୋଲି କହିଥିଲେ । ଯତୀନ୍ଦ୍ର ନାଥ ସେଭଳି ଧନୀ ହୋଇନଥିଲେ ମଧ ତାଙ୍କର ଏହି ଅବଦାନ ଆଜି ତାଙ୍କୁ ପ୍ରତିଷ୍ଠିତ କରାଇପାରିଛି ଏବଂ ତାଙ୍କୁ ଭୁଲିବା ଅସମ୍ଭବ । ଏହି ବିଦ୍ୟାଳୟରୁ ଯତୀନ୍ଦ୍ରନାଥଙ୍କଠାରୁ ଅଧିକ ଉଦୀୟମାନ ବ୍ୟକ୍ତି ସୃଷ୍ଟି ହେଲେ ଏହା ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜଷ୍ଟିସ ରଥ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା ପ୍ରକାଶ କରିଥିଲେ । ଦୈନିକ 'ସମାଜ'ର ପ୍ରାକ୍ତନ ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଉତ୍ସବରେ ଯୋଗଦେଇ ଯତୀନ୍ଦ୍ର ନାଥଙ୍କ ସମାଜ ପ୍ରତି ଥିବା ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋଚନା କରିଥିଲେ । ମଣିଷ ଗଢ଼ିବାକୁ ହେଲେ ଶିକ୍ଷାର ଗୁରୁତ୍ୱ ରହିଥିବା ହୃଦୟଙ୍ଗମ କରି ନିଜର ଜମି ଦେଇ ଏହି ବିଦ୍ୟାଳୟକୁ ଗଢ଼ିଥିଲେ । ବର୍ତ୍ତମାନର ଶିକ୍ଷା ଏକପ୍ରକାର ବ୍ୟବସାୟ ହୋଇଯାଇଥିବା ବେଳେ ସମାଜର ତଳସ୍ତରରେ ଥିବା ଲୋକମାନଙ୍କର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ଦେବା କ୍ଷେତ୍ରରେ ଯତୀନ୍ଦ୍ରନାଥଙ୍କ ଅବଦାନ ଅବିସ୍ମରଣୀୟ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ପିତାମାତାଙ୍କୁ ସ୍ମରଣୀୟ କରି ରଖିବା ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଥିଲେ । ସାପ୍ତାହିକ ପତ୍ରିକା 'ନିତ୍ୟନୂତନ'ର ସମ୍ପାଦକ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଉତ୍ସବରେ ଯୋଗଦେଇ କହିଲେ ଯେ, ଧନୀ ହୋଇନଥିଲେ ବି ଯତୀନ୍ଦ୍ର ନାଥ ସମାଜ ପ୍ରତି ଯେଉଁ ଦାନ କରିଯାଇଛନ୍ତି ତାହା ଅବିସ୍ମରଣୀୟ । ଏହା ଅନ୍ୟମାନଙ୍କ ଏକ ଆଦର୍ଶ ସୃଷ୍ଟି କରିଛି । ଏହି ଆଦର୍ଶକୁ ଉଜ୍ଜୀବିତ ରଖିବା ପାଇଁ ପାରିବାରିକ ଜୀବନରେ ଶୃଙ୍ଖଳା, ନୈତିକତା ଏବଂ ପିତାମାତାଙ୍କ ପ୍ରତି ସମ୍ମାନ ଓ ଭକ୍ତି କରିବା ଆବଶ୍ୟକ ବୋଲି ସେ କହିଥିଲେ । ଓଡ଼ାସିଂହ ଯତୀନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ତଥା ରାଜ୍ୟ ସମ୍ବାଦଦାତା ସୁଧାଂଶୁ ଶେଖର ଧଡ଼ା, ସାପ୍ତାହିକ 'ଉନ୍ନତିପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସ୍କୁଲ୍‌ର ପୂର୍ବତନ ପ୍ରଧାନଶିକ୍ଷକ ଦୈତାରୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଯତୀନ୍ଦ୍ରନାଥ ପ୍ରଧାନଙ୍କ ସମାଜସେବା, ଶିକ୍ଷା ପ୍ରତି ଆଭିମୁଖ୍ୟ ତଥା ସାଧାରଣ ଲୋକଙ୍କ ଜୀବନ ପରିବର୍ତ୍ତନରେ ଶିକ୍ଷାର ଭୂମିକା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ଯତୀନ୍ଦ୍ର ନାଥ ପ୍ରଧାନ ସ୍ମୃତି କମିଟିର କୋଷାଧ୍ୟକ୍ଷ ତଥା ବରିଷ୍ଠ ଆଇନ୍‌ଜୀବୀ ଅଶ୍ୱିନୀ କୁମାର ପ୍ରଧାନ ଯତୀନ୍ଦ୍ରନାଥଙ୍କ ଜୀବନୀ ଆଲୋଚନା କରିବା ସହ ଗତ ୨୬ ବର୍ଷ ଧରି ସ୍ମୃତି କମିଟି ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ସ୍କୁଲ୍‌ର ପୁରାତନ ଛାତ୍ର ସଂସଦ ପକ୍ଷରୁ ସମାଜସେବୀ ତଥା 'ସମାଜ'ର ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାସ, ପୂର୍ବତନ ଶିକ୍ଷକ ସୁଭାସ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ଦେବୀ ଏବଂ ଅନିରୁଦ୍ଧ ରଣାଙ୍କୁ ମୁଖ୍ୟଅତିଥି ଜଷ୍ଟିସ ରଥ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିବା ସହିତ ଯତୀନ୍ଦ୍ର ନାଥଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବକୁ ସ୍କୁଲ୍‌ର ଶିକ୍ଷକ ପ୍ରଶାନ୍ତ ଭୂୟାଁ, ଅମ୍ରିତଜିତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା ।

# ବିଧାୟକଙ୍କ ଦ୍ୱାରା ନୂତନ ରାସ୍ତାର ଭିତିପ୍ରସ୍ତର ସ୍ଥାପନ

ହାଟଡିହୀ (ପିଏନ୍): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ପନ୍ଦାଡୋ ପଂଚାୟତର କଂଟିଗଡିଆଠାରୁ ତେନ୍ତୁଳିପଦୀ ରାସ୍ତାର ଉନ୍ନତିକରଣ ପାଇଁ ଶୁଭ ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ କଂଟିଗଡିଆଠାରେ ଭିତିପ୍ରସ୍ତର ସ୍ଥାପନ ସହ ନଡିଆ ପିଟି ଶୁଭ ଦେଇଥିଲା । ଏହି ସମୟରେ ବିଜେଡି ଜିଲା ସଭାପତି ବିଧାଧର ବିଶ୍ୱାଳ, ଆନନ୍ଦପୁର ସାଂସଦ ପ୍ରତିନିଧି ଶାନ୍ତନୁ ସେଠୀ, ବରିଷ୍ଠ ବିଜେଡି କର୍ମୀ ବୁଦ୍ଧଦେବ ଜେନା, ଯୋଗେନ୍ଦ୍ର ବେହେରା, ମୁନା ସାମଲ, ପନ୍ଦଡୋ ସରପଂଚ ଅନିରୁଦ୍ଧ ବେହେରା, ଠିକାଦାର ରବିନ୍ଦ୍ର ସାହୁ, ମଦନ ଦାସ, ଭୀମ ପରେଇ, କହ୍ନେଇ ଓଝା, ଧବଳ ପଟ୍ଟନାୟକ, ସୁଧାକର ଓଝା, ପ୍ରଦୀପ ଜେନା, ପରମେଶ୍ୱର ମଲିକ, ପ୍ରଶାନ୍ତ ରାଉତ, ଆନନ୍ଦ ଚରଣ ନାୟକ, ଯନ୍ତ୍ରୀ ଦାଶରଥି ସେଠୀ, ଏସ୍‌ଡିଓ ସୁବଳ ପଣ୍ଡା ପ୍ରମୁଖ ଭିତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଥିଲେ । ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧କୋଟି ୫୮ ଲକ୍ଷ ଟଙ୍କା ବ୍ୟବରାଦ ହୋଇଛି । ମୋଟ ୩ କିଲୋମିଟର ରାସ୍ତା ନିର୍ମାଣ କରାଯିବ ବୋଲି ଜଣାପଡିଛି ।

# ପ୍ରଧାନମନ୍ତ୍ରୀ ଆବାସ ଚୟନରେ ଅନିୟମିତତା ନେଇ ମହିଳାଙ୍କ ଧାରଣା



ବାଲିଚନ୍ଦ୍ରପୁର (ପିଏନ୍): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ପ୍ରତିବାଦରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ହକ୍ ପାଇଁ ଧାରଣାରେ ବସିରହିଥିବା ମହିଳାମାନଙ୍କୁ ନ୍ୟାୟ ବଦଳରେ ମାଡ଼ ମିଳିଛି । ମହିଳାମାନଙ୍କୁ କେତେକ ଗୁଣ୍ଡାଶ୍ରେଣୀୟ ଲୋକେ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ବେଳେ ଶହ ଶହ ଲୋକେ ଛିଡା ହୋଇ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ । ତେବେ ଜଣେ ଯୁବକ ଏହାର ପ୍ରତିବାଦ କରିଥିଲେ; ମାତ୍ର ଏହା ବଦଳରେ ଗୁଣ୍ଡାମାନେ ତାଙ୍କୁ ଉଠାଇ ନେଇ ନିସ୍ତୁକ ମାଡ ମାରିଥିଲେ । ଯାହାକୁ ନେଇ କିଛି ସମୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ଘଟଣାରେ ପୋଲିସ ହସ୍ତକ୍ଷେପ କରି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ମିଳିଥିବା ସୂଚନା ମୁତାବକ ଏହି ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିଲା । ତେବେ ଏହି ତାଲିକାରେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ରହି ନ ଥିଲା । ଯାହାର ପ୍ରତିବାଦରେ ଗହରନଗର ରାଜସ୍ୱ ଗ୍ରାମର ପଚାଶରୁ ଉର୍ଦ୍ଧ୍ୱ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିରହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ । ଏହି ସମୟରେ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଏଠାରୁ ଉଠିଯାଅ ବୋଲି କହିଥିଲେ । ମାତ୍ର ଏଥିରେ ଧାରଣାକାରୀ ମହିଳାମାନେ ଆମର ନାମ କାହିଁକି ନାହିଁ ତାହା ନଜାଣିବା ପର୍ଯ୍ୟନ୍ତ ଆମେ ଉଠିବୁ ନାହିଁ ବୋଲି ଉତ୍ତର ଦେଇଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଏହି ଗୁଣ୍ଡାଶ୍ରେଣୀୟ ବ୍ୟକ୍ତିମାନେ ମହିଳାମାନଙ୍କୁ ଜୋର ଜବରଦସ୍ତ ଘୋଷାଡି ଉଠାଇବାକୁ ଚେଷ୍ଟା କରିଥିଲେ । ଏହାକୁ ଜଣେ ଯୁବକ ବିରୋଧ କରିବାରୁ ଗୁଣ୍ଡାମାନେ ତାଙ୍କୁ ତଳେ ପକାଇ ମାଡ ମାରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ମାତ୍ର ସେତେବେଳକୁ ସେମାନେ ଜାଗା ଛାଡି ଚାଲି ଯାଇଥିଲେ । ପୋଲିସ ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଯାଇଥିଲେ । ତେବେ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି ।

# ଅମର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ସ୍ମୃତିଚାରଣ



ଭୁବନେଶ୍ୱର (ପିଏନ୍): ଗତବର୍ଷ ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଭାରତୀୟ ସେନାବାହିନୀର ବୀର ଯବାନମାନେ ଶହୀଦ୍ ହୋଇଥିଲେ । ଏଥିରେ ଓଡ଼ିଶାର ଦୁଇ ବୀର ଯବାନ ମନୋଜ କୁମାର ବେହେରା ଓ ପ୍ରସନ୍ନ କୁମାର ସାହୁ ଶହୀଦ ହୋଇଥିଲେ । ଏକବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଅମର ଶହୀଦ୍ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ଜ୍ୱଳନ ସହିତ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ କହିଥିଲେ ଯେ, ଶହୀଦ୍ ହୋଇଥିବା ବୀର ଯବାନ ତଥା ଓଡ଼ିଶାର ଦୁଇ ବୀର ଶହୀଦ ମନୋଜ ବେହେରା ଓ ପ୍ରସନ୍ନ ସାହୁ ତାଙ୍କର କର୍ମ, ନିଷ୍ଠା ତଥା ଦେଶଭକ୍ତି ପାଇଁ ଆମେ ସମସ୍ତେ ଗର୍ବିତ । ତାଙ୍କର ଆଦର୍ଶକୁ ସମସ୍ତେ ନିଜ ନିଜ କ୍ଷେତ୍ରରେ ପାଳନ କରିବା ସହିତ ରାଷ୍ଟ୍ର ସୁରକ୍ଷା ପାଇଁ ଆଗଭର ହେଲେ ଆମ ଦେଶ ସୁରକ୍ଷିତ ହେବା ସହିତ ମଜଭୁତ ହୋଇପାରିବ । ଉକ୍ତ ସ୍ମୃତିଚାରଣ ସଭାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଶାନ୍ତ ଫାଉଣ୍ଡେସନ, ସାମାଜିକ ସଂଗଠନ କଳ୍ପନା ଛକ ଟୋକା ସଂଘ, ଦିଶା, ଓଡ଼ିଶା ସମାଜସେବୀ ମହାସଂଘ, ୟୁଥ୍ ଗ୍ରୁପ୍ ଚାରିଟେବଲ୍ ଟ୍ରଷ୍ଟ୍ ଓ ଭାରତ ଅଟୋ ଡ୍ରାଇଭର ସଂଘ ଯୋଗଦେଇଥିଲେ । ଏଥିରେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, ଯୁବନେତା ଅମରେଶ ଜେନା, ବାପୁ ଓଝା, ବିଜୟ ପରିଡ଼ା, ସାମ୍ବାଦିକ ତଥା ପୂଜ୍ୟପୂଜା ସଂଯୋଜକ କିଷନ ବରାଇ, ପୂଜ୍ୟପୂଜା ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଞ୍ଜୟ ପରିଡା, ଡ. ଅସିତ୍ ଦାସ, ଧୀରେନ୍ ରାଉତରାୟ, ବିନ୍ଦାସ ଚିନୁ, ଲଲାଟେନ୍ଦୁ ପାତ୍ର, ଦୀପକ ବାରିକ, ଅନୀଲ ସାହୁ, ଶିବ ଶଙ୍କର ଡାକୁଆ, ସିତାଂଶୁ ଶେଖର ମହାରଣା, ମାନସ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଦିଶାର ସମ୍ପାଦକ ତଥା ସମାଜସେବୀ ନାରାୟଣ ଚନ୍ଦ୍ର ଓଝା ସ୍ମୃତିସଭାକୁ ସଂଯୋଜନା କରିଥିଲେ । ଉକ୍ତ ସଭାରେ ବହୁ ସାମାଜିକ ସଂଗଠନ, ବ୍ୟକ୍ତିବିଶେଷ, ଗଣମାଧ୍ୟମ ପ୍ରତିନିଧି ତଥା ସାଧାରଣ ଜନତା ଶହୀଦ୍‌ଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ପରି ମହତ କାର୍ଯ୍ୟକୁ ସମସ୍ତେ ସ୍ୱାଗତ କରିଥିଲ ।




# ଜିଲ୍ଲା ପ୍ରେସ୍ କ୍ଲବର ଉଦ୍ୟମ, ଇଟାଭାଟିରେ ଅଟକ ୨ ଦାଦନ ଶ୍ରମିକ ଉଦ୍ଧାର

ନୂଆପଡା: ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରାଣିମୁଣ୍ଡା ପଂଚାୟତର ମହୁଲକୋଟ ଗ୍ରାମର ଅଟକ ଥିବା ୨ ଜଣ ଦାଦନ ଶ୍ରମିକ ଶେଷରେ ଉଦ୍ଧାର ହୋଇଛନ୍ତି । ନୂଆପଡା ଜିଲ୍ଲା ପ୍ରେସ୍ କ୍ଲବର ଉଦ୍ୟମ ଏବଂ ନୂଆପଡା ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟା ବଳରେ ସେମାନେ ଉଦ୍ଧାର ହୋଇଛନ୍ତି । ସୂଚନା ମତେ ମହୁଲକୋଟ ଗ୍ରାମର ରୋହିତ ଶବର (୨୮) ନାମକ ଯୁବକ ଚଳିତ ମାସ ୧୦ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଏହି ଖବର ପରିବାର ଲୋକେ ତେଲେଙ୍ଗାନା ରାଜ୍ୟର ସିକନ୍ଦରାବାଦର ପଟେଲଗୁଡା ନାମକ ସ୍ଥାନର ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବରେ ଖଟୁଥିବା ରୋହିତର ବାପା ମାଙ୍କୁ ଜଣାଇଥିଲେ । ବାପାମା ପୁଅର ମୃତ୍ୟୁ ଖବର ଶୁଣି ନିଜ ଗ୍ରାମକୁ ଯିବାକୁ ଦାଦନ ଦଲାଲଙ୍କୁ କହିଥିଲେ । ହେଲେ ଦାଦନ ଦଲାଲ ରୋହିତଙ୍କ ବାପା ପୁନେ ଶବର ଏବଂ ମା ବିମଲେ ଶବରଙ୍କୁ ଛାଡିବାକୁ ମନା କରି ଦେଇଥିଲା । ରୋହିତର ବାପାମା ପୁଅର ମୃତ୍ୟୁ ଖବର ପାଇ ଅତିଶିଘ୍ର ନିଜ ଗ୍ରାମକୁ ଆସିବାକୁ ଚେଷ୍ଟା କରିଥିବା ବେଳେ ଦାଦନ ଦଲାଲ ସେମାନଙ୍କୁ ନଛାଡି ଅଟକ ରଖିଥିଲେ । ଯାହାଫଳରେ ପରିବାରରେ ଭାଳେଣି ପଡି ଯାଇଥିଲା । ଏନେଇ ଜିଲା ପ୍ରେସ୍ କ୍ଲବ ଏବଂ ପରିବାର ଲୋକେ ଖରିଆର ରୋଡ ସ୍ଥିତ ଜିଲ୍ଲା ଶ୍ରମ ଅଧିକାରୀ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଜଣାଇଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଫୋନରେ ଯୋଗାଯୋଗ କରି ରୋହିତଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ରୋହିତଙ୍କର ଅନ୍ତେଷ୍ଟିକ୍ରୀୟା ପାଇଁ ବାପା ମାଙ୍କୁ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଶ୍ରମିକ ଦଲାଲ ଏବଂ ଇଟାଭାଟି ମାଲିକ ୩ ଦିନ ପର୍ଯ୍ୟନ୍ତ ଛାଡି ଦିଆଯିବ ବୋଲି କହି ଛାଡୁନଥିଲେ । ଶେଷରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ତାଗିଦ ପରେ ଅଟକ ଥିବା ରୋହିତଙ୍କ ବାପା ମାଙ୍କୁ ଛାଡି ଦେଇଥିବା ବେଳେ ସେମାନେ ଟ୍ରେନ ଯୋଗେ ସିକନ୍ଦରାବାଦରୁ ଘରକୁ ଫେରୁଥିବା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ନୂଆପଡା ଜିଲ୍ଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନଥିବା ବେଳେ ଏଠାକାର ପ୍ରତି ପ୍ରାନ୍ତରୁ ଦାଦନ ଶ୍ରମିକ ଚାଲାଣ ହୋଇ ମାନସିକ, ଶାରିରୀକ ନିର୍ଯ୍ୟାତନାର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି । ତଥାପି ଶ୍ରମିକ ମାନେ କିଛି ନବୁଝି ଦାଦନ ଖଟିଯାଉଥିବା ବେଳେ ଦାଦନ ସମସ୍ୟାର ସମାଧାନ ପାଇଁ ନୂଆପଡା ଜିଲ୍ଲା ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିବା ନେଇ ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

## ୨ଦିନିଆ ମହିଳା ମହୋତ୍ସବ ପରୀ ଉଦ୍‌ଯାପିତ

ବାଲେଶ୍ୱର(ପିଏନ) : ନାରୀ ସମାଜକୁ ସମ୍ମାନ ପ୍ରଦାନ ସହ କନ୍ୟାରତ୍ନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭା ବିକାଶ ପକ୍ଷରେ ଆୟୋଜିତ ମହିଳା ମହୋତ୍ସବ ପରୀ ୨୦୨୦ ୮ତାରିଖ ଦିନ ସ୍ଥାନୀୟ ଟାଉନହଲରେ ଉଦ୍‌ଘାଟିତ ହୋଇଥିବା ବେଳେ ୯ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଆୟୋଜକ କମିଟିର ସଭାପତି ରଂଜିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାସିକ ସାହିତ୍ୟ ପତ୍ରିକା ରେବତୀର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ମହିଳା କଲେଜର ଅଧ୍ୟକ୍ଷା ବନୀତା ପଣ୍ଡା ମୁଖ୍ୟବକ୍ତାଭାବେ ,ସମାଜସେବୀ ଶାନ୍ତିଲତା ଦାସ ପ୍ରମୁଖ ଯୋଗଦେଇଥିଲେ । କମିଟିର ଉପଦେଷ୍ଟା ଧୀରେନ୍ ନାୟକ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ସମ୍ପାଦିକା ମିନତୀ ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକାରୀ ସଭାପତି ଇତିକ୍ରୀଷ୍ଣା ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ୪ଟି ବିଭାଗରେ ପ୍ରତିଯୋଗୀତା ବିଭକ୍ତ କରାଯାଇଥିବା ବେଳେ ପ୍ରତିଯୋଗୀଙ୍କ ମଧ୍ୟରେ ନୃତ୍ୟ, ଚିତ୍ରାଙ୍କନ, ବେବୀପରୀ, ଡୁଏଟ୍, ଡାନ୍ସ, ଗ୍ରୁପଡାନ୍ସ, ଡିବେଟ୍, ସୃଜନାତ୍ମକ ଲିଖନ,ଫଟୋଗ୍ରାଫି, ସ୍କଟପେଟିଂ, ରଙ୍ଗୋଲୀ, ମେହେନ୍ଦୀ, ଝୋଟି, କୁଇଜ୍ ପ୍ରଭୃତି ପ୍ରତିଯୋଗିତାରେ ୧୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଭାଧର ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଛି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ମାଲକାନଗିରି, : ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କୁର୍ଣ୍ଣୁୱାଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ରୂପାନ୍ତରିତ କ୍ଲେମ୍ ଟ୍ରିବ୍ୟୁନାଲ ଏଗ୍ରିଡ ପ୍ରୋସେଜୁଏର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ସଚିବ ଅମରେଶ ନାୟକ, ଗରାଖୁଂଟା ଗ୍ରାମପଂଚାୟତର ସରପଂଚ ଏରା ପଡିଆମୀ, ସମିତି ସଭ୍ୟା ଭାରତୀ ରୁଞ୍ଜୀ, ଏସଏମସି ଅଧ୍ୟକ୍ଷ ବି. କାମେଶ୍ୱର ରାଓ, ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଓ ପ୍ରଧାନଶିକ୍ଷକ ରଞ୍ଜିତ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଆଇନସେବା ପ୍ରାଧିକରଣର ସଚିବ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନ ସେବା, ମଧ୍ୟସ୍ଥତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ । ତହସିଲଦାର ବିଭିନ୍ନ ରାଜସ୍ୱ ଆଇନ ତଥା ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ସଚେତନତା କରିଥିଲେ । ଗରିବ ଲୋକଙ୍କ ନିକଟରେ କିପରି ଆଇନ ସେବା ସଂସ୍ଥାର ବିଭିନ୍ନ ସମାଜ ମଙ୍ଗଳ ସେବା ପହଂଚି ପାରିବ ଏବଂ ଆଇନଜିବୀ ପୋଲିସ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନଙ୍କର ଆଇନ ସଚେତନତା ଓ ଆଇନ ସେବା କାର୍ଯ୍ୟକ୍ରମର ସଫଳ ରୂପାୟନରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସଭାରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହା ସଙ୍ଗେ ସଙ୍ଗେ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି କିଶୋର ନ୍ୟାୟ ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ, ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଅଧିନିୟମ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ପାରିବାରିକ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଲିଙ୍ଗ ଚୟନ ଏହିସବୁ କ୍ଷେତ୍ରରେ କିପରି ଜଣେ ମହିଳା ନିଜକୁ ସୁରକ୍ଷା କରିବେ ସେ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

## ଫନି ସହାୟତା ଦାବିରେ ବିଜେପିର ଅହୋରାତ୍ର ଧାରଣା

ପୁରୀ: ପୁରୀ ଜିଲ୍ଲାରେ ଫନି ବାତ୍ୟାରେ ହୋଇଛି ମହାଘୋଟାଲା । ଅନିୟମିତତା ଓ ଅଣ ହିତାଧିକାରୀ ହାତେଇଛନ୍ତି ଫନି ସହାୟତା । ଏହାର ପ୍ରତିବାଦରେ ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୁରୀ ଜିଲ୍ଲା ବିଜେପି ପକ୍ଷରୁ ଅହୋରାତ୍ର ଧାରଣା ଦିଆଯାଇଛି । ଆୟୋଜିତ ବିକ୍ଷୋଭ ସଭାରେ ଜିଲ୍ଲା ସଭାପତି ଆଶ୍ରିତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ବିଜେପିର ବରିଷ୍ଠ ନେତା ଓ ବିଭିନ୍ନ ବ୍ଲକରୁ କର୍ମୀମାନେ ଆସି ଧାରଣାସ୍ଥଳରେ ଯୋଗଦେଇଥିଲେ । ଦଳୀୟ ନେତା ମାନେ ଅଭିଯୋଗ ଆଣିଥିଲେ ଯେ, ଫନି ବାତ୍ୟାରେ ପ୍ରକୃତ ହିତାଧିକାରୀଙ୍କ ଚାଳଛପର ଘର, କାନ୍ଥ ଓ ଗଛ ନଷ୍ଟ ହୋଇଯାଇଥିବା ବେଳେ ଯେଉଁମାନଙ୍କର ନଷ୍ଟ ହୋଇନି ଓ ସରକାରୀ ଦଳର ସମର୍ଥକ ହୋଇଛନ୍ତି ସେମାନଙ୍କ ପରିବାରର ପ୍ରାୟ ଅଧିକାଂଶ ସଭ୍ୟଙ୍କ ନାମରେ ସହାୟତା ଦିଆଯାଇଛି । ଫନି ବାତ୍ୟାର ସହାୟତା ପାଇଁ ସଠିକ୍ ଗାଇଡ୍ ଲାଇନ୍ ଠିକ୍ ନକରି ତରବରିଆ ଭାବେ ଟଙ୍କା ବାଂଟି ଥିବାରୁ ତାହା ମହାଦୁର୍ନୀତିର ଛିଟା ସୃଷ୍ଟି କରିଛି । ମୁଗ, ବିରି ଓ ନଡ଼ିଆ ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ନଡ଼ିଆ ଗଛ ନଥିବା ବଗିଚା ମାଲିକଙ୍କୁ ସହାୟତା ପ୍ରଦାନ କରାଯାଇଛି ।

## ସଡ଼କ ଦୁର୍ଘଟଣାରେ ଏବିଡିଓଙ୍କ ମୃତ୍ୟୁ

ନୂଆପଡା: କଂଟାବାଞ୍ଜି-ଖଡିଆଳ ଜାତୀୟ ରାଜପଥର କୋଦୋଭଟା ପଥପ୍ରାନ୍ତ କେନ୍ଦ୍ର ନିକଟରେ ସୋମବାର ଅପରାହ୍ନ ୨ ଟା ସମୟରେ ଏବିଡିଓ ରାମବିଲାସ ମଙ୍ଗରାଜଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଖଡିଆଳ ସ୍ଥିତ ମିଶନ ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାୟପୁରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ନୂଆପଡା ନିକଟରେ ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଜଟିଳ ହେବାରୁ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେତେବେଳେ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ତାଙ୍କ ମୃତଦେହକୁ ଖଡିଆଳରେ ଥିବା ଘରକୁ ଆଣିବା ପରେ ଆତ୍ମିୟସ୍ୱଜନ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ମଙ୍ଗରାଜଙ୍କ ପୈତୃକ ଗ୍ରାମ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ମମିଆ ଗ୍ରାମରେ ତାଙ୍କ ଶବ ଦାହ ସଂସ୍କାର କରାଯାଇଛି । ତାଙ୍କର ଏକମାତ୍ର ପୁଅ ହରେନ୍ଦ୍ର ମୁଖାଗ୍ନି ଦେଇଥିଲେ । ସେ ୨ ଜଣ ପୁଅ ଝିଅ ଏବଂ ପତ୍ନୀଙ୍କୁ ଛାଡି ଚାଲି ଯାଇଛନ୍ତି । ସେ ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲାର ଅନେକ ବ୍ଲକରେ ଏବିଡିଓ ଏବଂ ବିଡିଓ ଦାୟିତ୍ୱ ତୁଲାଇ ଆସିଛନ୍ତି । ବର୍ତମାନ ସେ ବଲାଙ୍ଗିର ଜିଲ୍ଲାର ବେଲପଡା ବ୍ଲକରେ ଏବିଡିଓ ଦାୟିତ୍ୱରେ ରହିଥିଲେ । ସେ ଏକାଧାରଣରେ ଜଣେ ସମାଜସେବୀ, କଳାପ୍ରେମୀ, ଦକ୍ଷ ଅଧିକାରୀ, ମେଳାପି ଏବଂ ପରୋପକାରୀ ଭାବରେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ବେଆଇନ୍ ଗୋରୁଚାଲାଣ ୧୧ଗୋରୁ ଉଦ୍ଧାର, ୨ ଗିରଫ

ବାଲେଶ୍ୱର(ପିଏନ)- :ବାହାନଗା ବ୍ଲକ ଅନ୍ତର୍ଗତ ନିମିକି ରାସ୍ତାରେ ସାହାସପୁରାରୁ ଜଳେଶ୍ୱର ଅଭିମୁଖେ ବେଆଇନଭାବେ ଗୋରୁ ଚାଲାଣ ହେଉଥିବା ଖବର ପାଇଁ ସ୍ଥାନୀୟ ଯୁବକ ଗୋରୁ ବୋଝେଇ ମହିନ୍ଦ୍ରା ମିନିଟ୍ରକ୍ ସହ ୨ ଚାଲାଣକାରୀକୁ ଅଟକ ରଖି ପୁଲିସ୍ ଜିମା ଦେଇଛନ୍ତି । ଗୋପାଳପୁର ଫାଣ୍ଡି ପୁଲିସ ସମ୍ପୃକ୍ତ ଗାଡ଼ିକୁ ଅଟକ ରଖି ସେଥିରୁ ୧୧ଟି ଗୋରୁ ଉଦ୍ଧାର କରିଛି । ଉଦ୍ଧାର ସମସ୍ତ ଗୋରୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତୁରନ୍ତ ବିଳମ୍ବିତ ରାତିରେ ବାମପଦାସ୍ଥିତ ମା ଭାରତୀ ଗୋ ସେବାକେନ୍ଦ୍ରରେ ଜିମା ଦିଆଯାଇଛି । ଅଟକ ୨ଯୁବକଙ୍କୁ ପୁଲିସ ଗିରଫ କରି ୫୩/୧୯ନମ୍ବର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି । ଯୁବକମାନେ ହେଲେ ସାହାସପୁରା ଗ୍ରାମର ରୁପଚାନ୍ଦ ସାହା(୩୦) ଓ ହିଜାତ୍ ସାହା (୨୭) । ଯୁବକଦ୍ୱୟ ମହିନ୍ଦ୍ରା ସୁପ୍ର ମିନିଟ୍ରକ ନମ୍ବର ଓଡି୦୧ଡବ୍ଲ୍ୟୁ ୪୪୧୭ରେ ଅମାନୁସିକ ଭାବେ ୧୧ଟି ଗୋରୁଙ୍କୁ ଖୁନ୍ଦାଖୁନ୍ଦିଭାବେ ବାନ୍ଧି ଚାଲାଣ କରୁଥିଲେ ।

## ଶରଜିଲ ଇମାମ ୩ ମାର୍ଚ୍ଚ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ

ନୂଆଦିଲ୍ଲୀ : ଜାମିୟା ହିଂସା ମାମଲାରେ ଗିରଫ ହୋଇଥିବା ଶରଜିଲ ଇମାମକୁ ଦିଲ୍ଲୀର ସାକେତ କୋର୍ଟ ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ମଙ୍ଗଳବାର ଶରଜିଲର ବିଚାର ବିଭାଗୀୟ ହାଜତ ଅବଧି ଶେଷ ହୋଇଥିଲା । ତେଣୁ ପୋଲିସ ତାକୁ ମୁଖ୍ୟ ମେଟ୍ରୋପଲିଟାଂଟ ମାଜିଷ୍ଟ୍ରେଟ ଗୁରୁମୋହିତ କୌରଙ୍କ କୋର୍ଟରେ ହାଜର କରାଇଥିଲା । ଏହାପରେ କୋର୍ଟ ତାଙ୍କୁ ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି ।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ପୋଲିସ ଆଜି ସାକେତ କୋର୍ଟରେ ଏନେଇ ଚାର୍ଜସିଟ୍ ଦାଖଲ କରିଛି । ଏହି ଚାର୍ଜସିଟରେ ହିଂସାକୁ ଉସୁକାଇବା ନେଇ ଶରଜିଲ ବିରୋଧ ଅଭିଯୋଗ ରହିଛି । ଶାହିନବାଗରେ ଆପତିଜନକ ଭାଷଣ ଦେବା ମାମଲାରେ ଶରଜିଲକୁ ବିହାରରୁ ଗିରଫ କରାଯାଇଥିଲା । ଗତ ଫେବୃଆରୀ ୧୨ ତାରିଖ ଦିନ ଶାହିନବାଗରେ ଆପତିଜନକ ଭାଷଣ ଦେବା ମାମଲାରେ ଶରଜିଲ ଇମାମକୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜକୁ ପଠାଯାଇଥିଲା ।ପୋଲିସର ସୂଚନା ମୁତାବକ, ଜାମିୟା ହିଂସା ମାମଲାର ଯାଂଚ ସମୟରେ ଜଣେ ଅଭିଯୁକ୍ତ ଶରଜିଲର ଭାଷଣରେ ପ୍ରଭାବିତ ହୋଇ ହିଂସା ଘଟାଇଥିବା ପୋଲିସ ଜାଣିବାକୁ ପାଇଥିଲା ।

# ବାଲେଶ୍ୱର ମେଡ଼ିକାଲ ଚତୁଃପାର୍ଶ୍ୱରୁ ଜବରଦଖଲ ହଟିବ କେବେ

ବାଲେଶ୍ୱର(ପିଏନ) :ବାଲେଶ୍ୱର ସହରର ମଧ୍ୟଭାଗରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବର ଫକୀରମୋହନ ମେଡ଼ିକାଲ କଲେଜର ପରିସର କ୍ରମଶଃ ସଙ୍କୁଚିତ ହୋଇପଡ଼ିଛି । ଏହାର ଚର୍ତୁପାର୍ଶ୍ୱରେ ପ୍ରାୟ ୨୦ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସ୍ଥାୟୀ ଓ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇ ରାଜନୀତିକ ବ୍ୟକ୍ତିବିଶେଷ ଓ ଆଞ୍ଚଳିକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଫାଇଦା ନେଉଥିବା ବେଳେ ଡାକ୍ତରଖାନା ପରିସର ଏକପ୍ରକାର ଅଣନିଶ୍ୱାସୀ ହୋଇପଡୁଛି । ବାଲେଶ୍ୱର ଷ୍ଟେସନଛକ ଠାରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ରାସ୍ତା ଜିଲ୍ଲାସ୍କୁଲ ପରଠାରୁ ଏକପ୍ରକାର ସଙ୍କୁଚିତ ହୋଇପଡ଼ିଛି । ଏଠାରେ ନିକଟରେ ଗଢିଉଠିଥିବା ୨ଟି ବେସରକାରୀ କଲ୍ୟାଣ ମଣ୍ଡପର ଫାଟକ ରାସ୍ତାକୁ ମାଡ଼ିଯାଇଥିବାବେଳେ ଏହି ରାସ୍ତା ଉପରେ ବିଭିନ୍ନ ସମୟରେ ଗାଡ଼ିମଟର ଗୁଡ଼ିକ ଛିଡ଼ାହୋଇ ଯାତାୟାତରେ ବାଧାସୃଷ୍ଟି କରୁଛନ୍ତି । ସେହିପରି ଆମ୍ବୁଲାନ୍ସଟି ମଧ୍ୟ ଅନାୟାସରେ ଗତିକରିପାରୁ ନାହିଁ । ସେହିପରି ସଦର ଏସ୍‌ଡିଓଙ୍କ ଆବାସିକ କାର୍ଯ୍ୟାଳୟପରଠାରୁ ପୁଲିସ କୋଲନୀ ଆଗରେ ମଧ୍ୟ ଅସ୍ଥାୟୀ ଦୋକାନଗୃହ ଗଢି ଉଠିଛି । ଏପରିକି ଫକୀରମୋହନ କଲେଜ ରାସ୍ତା ପରଠାରୁ ସିନେମାବଜାରକୁ ଆସିଥିବା ରାସ୍ତାର ଦୁଇଧାରରେ ମଧ୍ୟ ପୌରପାଳିକା ପକ୍ଷରୁ ଦୋକାନ ଘର କରାଯିବା ଫଳରେ ରାସ୍ତା ସଙ୍କୁଚିତ ହୋଇପଡୁଛି । ତେବେ କଟକ ବଡ଼ଡାକ୍ତରଖାନାକୁ ଯାତାୟାତ କରିବା ପାଇଁ ଇତିମଧ୍ୟରେ ରାଜ୍ୟସରକାର ମାଷ୍ଟରପ୍ଲାନ୍ ଜରିଆରେ ଉନ୍ନତୀ କରଣ ଯୋଜନା ହାତକୁ ନେଇଥିବା ବେଳେ ବାଲେଶ୍ୱର ମେଡ଼ିକାଲ କଲେଜ ଓ ହସ୍ପିଟାଲର ଚର୍ତୁପାର୍ଶ୍ୱରେ ରହିଥିବା ବେଆଇନ୍ ବ୍ୟବସାୟୀ ପ୍ରତିଷ୍ଠାନକୁ ସ୍ଥାନାନ୍ତରିତ କରିବା ପାଇଁ ସୁପାରିଶ ଥିଲେ ମଧ୍ୟ ଏହା ଜିଲ୍ଲାପ୍ରଶାସନର ଅପାରଗତା ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ବିଶେଷକରି ମେଡ଼ିକାଲର ପ୍ରମୁଖ ଫାଟକ ଓ ବିପରୀତ ଫାଟକ ଆଗରେ ଗାଡ଼ିମୋଟର ଦୀର୍ଘସମୟ ଧରି ପାର୍କିଂ କରାଯିବା ଫଳରେ ରାସ୍ତା ସଙ୍କୁଚିତ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି । ଡାକ୍ତରଖାନା ପରିସରରେ ସିକ୍ୟୁରିଟିଗାର୍ଡ ଥିବା ବେଳେ ଡାକ୍ତରଖାନା ସମ୍ମୁଖ ଫାଟକ ପ୍ରବେଶ ଓ ପ୍ରସ୍ଥାନ ଫାଟକ ନିକଟରେ ଟ୍ରାଫିକ୍ ନିୟନ୍ତ୍ରଣ ହେଉନଥିବାରୁ ଅନାୟସରେ ଆମ୍ବୁଲାନ୍ସ ଓ ରୋଗୀମାନଙ୍କୁ ନେଇ ଆସୁଥିବା ଗାଡ଼ି ପ୍ରବେଶ କରିପାରୁ ନାହିଁ । ଏହାଛଡ଼ା ପ୍ରବେଶ ଓ ପ୍ରସ୍ଥାନ ଫାଟକ ଆଗରେ ହମ୍ପସ୍ ନଥିବାରୁ ଓ ସମ୍ମୁଖଭାଗକୁ ଭିଡ଼ି ଦୋକାନଘର ଥିବାରୁ ଅଧିକାଂଶ ସମୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟୁଛି । ଇତିମଧ୍ୟରେ ଡାକ୍ତରଖାନା ପରିସରର ଅନେକ କଳେବର ବୃଦ୍ଧି ହୋଇଥିଲେ ମଧ୍ୟ ଏହାର ଚର୍ତୁପାର୍ଶ୍ୱ ଏବେ ଜବରଦଖଲକାରୀଙ୍କ କବଳରେ ରହିଛି । ଏଗୁଡ଼ିକୁ ଉଚ୍ଛେଦ କରାଯିବା ପାଇଁ ପୂର୍ବରୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥିଲେ ମଧ୍ୟ ଏହି ଦୋକାନଘର ଗୁଡ଼ିକ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ମାତ୍ର ଅଳ୍ପକିଛି ଟଙ୍କା ଦେଇ ନିଜର ଅବାଧ ବ୍ୟବସାୟୀ ଚଳାଇବା ସହ ରାସ୍ତା ଉପରେ ଗାଡ଼ିମୋଟର ରଖି ଚଳାଚଳରେ ବାଧାସୃଷ୍ଟି କରୁଛନ୍ତି । ଏଦିଗରେ ପୂର୍ବରୁ କେନ୍ଦ୍ରୀୟ ଓ ରାଜ୍ୟରୁ ଆସିଥିବା ପର୍ଯ୍ୟବେକ୍ଷକ ପଦକ୍ଷେପ ନେବାପାଇଁ ସୁପାରିଶ କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଇବା ଦିଗରେ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଗ୍ରହଣ କରୁଛି ।

## ଟ୍ରଲର୍ ପଛରେ ପିଟିଲା ବାଇକ୍ : ଦୁଇ ମୃତ, ଜଣେ ଗୁରୁତର

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଚଟି ନିକଟରେ ଏକ ଟ୍ରଲର ରାସ୍ତା କଡ଼ରେ ଛିଡା ହୋଇଥିବା ବେଳେ ବାଇକ୍ ଯୋଗେ ଦୃତ ଗତିରେ ଆସୁଥିବା ତିନି ଜଣ ଯୁବକ ଏହା ପଛରେ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତି କରାଯାଇଛି । ମୃତକ ଦ୍ୱୟ ହେଲେ ଗଣେଷ ଚୌଧୁରୀ (୨୮) ଏବଂ କାଳିଆ ପ୍ରଧାନ (୨୫) । ଗୁରୁତରଙ୍କ ପରିଚୟ ମିଳିପାରିନାହିଁ । ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଖବର ପାଇ ରାତି ପ୍ରାୟ ୧୨ଟା ସମୟରେ ଗୋଳନ୍ଥରା ଥାନା ପୋଲିସ ସେଠାରେ ପହଂଚିଥିଲା । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା ।

# ଫେସନ୍ ସୋ ମାଧ୍ୟମରେ ଓଡିଶା କଳା ଓ ସଂସ୍କୃତି ବିକାଶ ପାଇଁ ଅଭିନବ ପ୍ରୟାସ



ଭୁବନେଶ୍ୱର (ପିଏନ)- ଓଡିଶା ଆର୍ଟ ଏଣ୍ଡ କଲଚର ଫାଉଣ୍ଡେସନ ତରଫରୁ ଓଡିଶାର କଳା ଓ ସଂସ୍କୃତିକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ନିମନ୍ତେ ଫେସନ୍ ସୋ କାର୍ଯ୍ୟକ୍ରମ "ନାୟକୀ"ଭୁବନେଶ୍ୱର ସ୍ଥିତ ଏକ ତାରକା ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶୁଭଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରସ୍ତୁତିରେ ଓଡିଶାରୁ ୧୦୦ଜଣ ପ୍ରତିଯୋଗି ଭାଗନେଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଅନ୍ତିମ ପର୍ଯ୍ୟାୟ ପାଇଁ ବିଚାରକ ମଣ୍ଡଳୀର ସଦସ୍ୟମାନେ ବାଛିଥିଲେ। ସେହି ୧୦ଜଣ ବଛାବଛା ପ୍ରତିଯୋଗି ଏବଂ ଆହୁରି ଅନେକ କୁନିକୁନି ପିଲା ଖଦି ଓ ହାଣ୍ଡଲୁମ୍ ପୋଷାକ ପରିଧାନ କରି ର୍‍ୟାମ୍ପରେ ଚାଲିଥିଲେ। ଏହି ସବୁ ପୋଷାକକୁ ଡ୍ରେସ ଡିଜାଇନର "ବିଭାବରୀ" ଓ "ବସ୍ତ୍ରମ୍" ପ୍ରସ୍ତୁତ କରିଥିଲେ। ଓଡିଆ ଘରର ବିବାହ ସମୟରେ ନବବଧୂ ବେଶରେ ଖଦି ଓ ହସ୍ତତନ୍ତର ବ୍ୟବହାର ଏବଂ ଏତଦ୍‌ବ୍ୟତୀତ ଆମ ସରକାରୀସ୍ତରରେ ସ୍କୁଲ କଲେଜ ମାନଙ୍କରେ ପିଲାମାନଙ୍କର ୟୁନିଫର୍ମ୍ ଖଦି ଓ ହାଣ୍ଡଲୁମ୍ କୁ ବ୍ୟବହାର ମାଧ୍ୟମରେ ଖଦି ଓ ହାଣ୍ଡଲୁମ୍ ଉଦ୍ୟୋଗର ବିକାଶ ହୋଇପାରିବ ବୋଲି ସଂସ୍ଥାର ନିର୍ଦ୍ଦେଶିକା ଲୋପାମୁଦ୍ରା ପ୍ରଧାନ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ସୋ ଷ୍ଟପର ମୁମ୍ବାଇର ବରିଷ୍ଠ ଟେଲିଭିଜନ ତାରକା ତଥା ମଡେଲ 'ରଜତ ଟୋକାସ' ଓ ଓଡିଶା ଚଳଚ୍ଚିତ୍ର ଜଗତର ଆଗଧାଡିର ଅଭିନେତ୍ରୀ 'ଶିବାନୀ' । ଓଡିଆଣୀ ବଧୂ ବେଶରେ ସୋଷ୍ଟପରର ଜୁନିୟର ମଡେଲ ବିଜେତା 'ଶତଭିକ୍ଷା' ବେଶ୍ ଆକର୍ଷଣୀୟ ଥିଲେ। ଏହି କାର୍ଯ୍ୟକ୍ରମରେ ଭାଗନେଇଥିବା ୧୦ଜଣ ପ୍ରତିଯୋଗିଙ୍କ ମଧ୍ୟରୁ ତିନିଜଣ ବିଜୟୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା

## ଜମିବାଡ଼ି ବିବାଦକୁ ନେଇ ହତ୍ୟା

ପଟ୍ଟାମୁଣ୍ଡାଇ; କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବକ୍ତାରପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଉଗ୍ର ରୂପ ନେଇଛି । ଗୋଟିଏ ପକ୍ଷର ସଂଘବଦ୍ଧ ଆକ୍ରମଣରେ ଜଣକର ମୃତ୍ୟୁ ଘଟିଛି । ମୃତକ ହେଲେ ତ୍ରିଲୋଚନ ମହାଳିକ (୪୦) । ମୃତକ ତ୍ରିଲୋଚନଙ୍କ ପତ୍ନୀ ଏନେଇ ଥାନାରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ପଟ୍ଟାମୁଣ୍ଡାଇ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଅଭିଯୁକ୍ତ ମାନେ ହେଲେ ସେହି ଗ୍ରାମର ତପନ ମହାଳିକ, ବିପିନ ମହାଳିକ, ରାଜେନ୍ଦ୍ର ମହାଳିକ, ଗଜେନ୍ଦ୍ର ମହାଳିକ, ଅଞ୍ଜଳି ମହାଳିକ, ଶାନ୍ତିଲତା ମହାଳିକ, ସୁଚିତ୍ରା ମହାଳିକ । ଏମାନେ ସମସ୍ତେ ଗୋଟିଏ ପରିବାରର । ଗତ ଦୁଇ ଦିନ ପୂର୍ବରୁ ଅନୁରୂପ ଘଟଣା କ୍ରମେ ଗଣ୍ଡଗୋଳରେ ଆହତ ହୋଇ ତ୍ରିଲୋଚନଙ୍କ ମା ସମ୍ପ୍ରତି ପଟ୍ଟାମୁଣ୍ଡାଇ ମେଡ଼ିକାଲରେ ଚିକିତ୍ସାଧିନ ଅଛନ୍ତି । ଏନେଇ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଥିଲା । ଆଜି ସକାଳେ ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡ଼କାଇ ଘଟଣାର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ବିଫଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପୂର୍ବାହ୍ନରେ ଅପରପକ୍ଷର ଲୋକେ ସଂଘବଦ୍ଧ ଭାବେ ତ୍ରିଲୋଚନଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ସେଠାରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି।

## ଶବ ନେବାକୁ ମିଳିଲାନି ମହାପ୍ରୟାଣ ଗାଡ଼ି : ଟ୍ରଲି ରିକ୍ସାରେ ମୃତଦେହ ନେବାକୁ ବାଧ୍ୟ ହେଲେ ପରିବାର ଲୋକେ

ଗଞ୍ଜାମ: ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ହସ୍ପିଟାଲରୁ ଶବ ନେବା ପାଇଁ ମହାପ୍ରୟାଣ ଗାଡ଼ି ନମିଳିବା ଏବଂ ଶେଷରେ ଏକ ଟ୍ରଲି ରିକସା ଯୋଗେ ପରିବାର ଲୋକେ ମୃତଦେହ ବୋହି ନେବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଆଜି ସକାଳେ ଚନ୍ଦ୍ରମା ସିଂ ନାମକ ଜଣେ ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତେବେ ତାଙ୍କ ଶବକୁ ଘରକୁ ନେବା ପାଇଁ ମହାପ୍ରୟାଣ ଗାଡ଼ି ହସ୍ପିଟାଲ ପକ୍ଷରୁ ନପାଇ ପରିବାର ଲୋକେ ବାଧ୍ୟ ହୋଇ ଶବକୁ ଏକ ଟ୍ରଲି ରିକସାରେ ନେଇଥିଲେ । ଏହି ଖବର ଗଣମାଧ୍ୟମ ସାମ୍ନାକୁ ଅସିବା ପରେ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା, ଏପରିକି ମୃତ ମହିଳା ଜଣେ ଜରି ଗୋଟାଳି ହୋଇଥିବାରୁ ତାଙ୍କ ଝିଅ ଟଙ୍କା ଦେଇନପାରିବାରୁ ତାଙ୍କୁ ମହାପ୍ରୟାଣ ଗାଡି ମିଳିପାରିବ ନାହିଁ ହସ୍ପିଟାଲ ପକ୍ଷରୁ କୁହାଯାଇଥିବା ଅଭିଯୋଗ ହୋଇଛି । ଶେଷରେ ତାଙ୍କ ଝିଅ ଏକ ଟ୍ରଲି ରିକସା ସାହାଯ୍ୟରେ ଶବକୁ ଘରକୁ ନେଉଥିଲେ । ବାଟରେ କିଛି ସ୍ଥାନୀୟ ଲୋକେ ଏବଂ ପୂର୍ବତନ କର୍ପୋରେଟର ମୂରଲୀ ମୋହନ ଏହା ଦେଖିବା ପରେ ଘରୋଇ ଶବ ବାହକ ଗାଡ଼ି ଆଣି ଶବ ନେବାର ବ୍ୟବସ୍ଥା କରିଥିଲେ ।

# କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ଅନ୍ୟ ବିକାଶ ଦାବିରେ କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡାର ବିକାଶକୁ ତ୍ୱରାନିତ୍ୱ କରିବା ପାଇଁ କେନ୍ଦ୍ରାପଡା ବ୍ଲକ କଂଗ୍ରେସ କମିଟି ଓ ଟାଉନ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକ ପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡାରେ ଡାକ୍ତରୀ କଲେଜ ଖୋଲିବା, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପ୍ରଦାନ, ପ୍ରାଚୀନ ଗୋବରୀ ନଦୀର ପୁନରୁଦ୍ଧାର ତଥା ଗୋବରୀ କେନାଲ ର ଉନ୍ନତିକରଣ, ଓ ୨୦୧୮ ରେ ସଂଗଠିତ ବର୍ଷା ଜନିତ କ୍ଷତିଗ୍ରସ୍ତଙ୍କୁ କ୍ଷତି ପୂରଣ ପ୍ରଦାନ ସିଂହ ଗାଁକୁ ବ୍ଲକ ଓ ଜିଲ୍ଲା କେନ୍ଦ୍ର ସହ ଯୋଡିବା ପାଇଁ କାଣୀ ନଦୀ ଉପରେ ଏକ ସେତୁ ନିର୍ମାଣ, କେନ୍ଦ୍ରାପଡା ଗଣ୍ଡାକିଆ କେନାଲ ରୋଡର ପୁନଃ ନିର୍ମାଣ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ୧୫୦ ବର୍ଷରୁ ଉର୍ଦ୍ଧ୍ୱ କେନ୍ଦ୍ରାପଡା ପୌରାଂଚଳରେ ମୁଖ୍ୟତଃ ଡାକ୍ତରୀ କଲେଜ, କେନ୍ଦ୍ରାପଡା କଲେଜ, ଗୋବରୀ ନଦୀ ଓ ଗୋବରୀ କେନାଲ ଥିବାବେଳେ ସରକାରୀ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏଗୁଡିକର ଆବଶ୍ୟକୀୟ ଉନ୍ନତି କରା ଯାଇନାହିଁ । କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ୬୨ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୨୬ ଜଣ ଡାକ୍ତର ସ୍ୱାସ୍ଥ୍ୟ ସେବା ଯୋଗାଉ ଥିବାରୁ ଦୈନିକ ଶହ ଶହ ରୋଗୀ ଚିକିତ୍ସା ସେବାରୁ ବଂଚିତ ହେଉଛନ୍ତି । ଜିଲ୍ଲାର ୬୫ଟି ଛୋଟବଡ ଚିକିତ୍ସାଳୟରେ ୧୭୧ ଜଣ ଡାକ୍ତର ଅବଶ୍ୟକ ଥିବା ବେଳେ ୯୨ ଜଣ ଡାକ୍ତର ରେ ସ୍ୱାସ୍ଥ୍ୟ ସେବା ଚାଲିଛି । ବର୍ଷାଧିକ କାଳ ହେଲା ୧୧୦ କୋଟି ଟଙ୍କା ବ୍ୟୟରେ ଶିଶୁ ମାତୃ ସ୍ୱତନ୍ତ୍ର ଚିକିତ୍ସାଳୟ ନିର୍ମାଣ ଚାଲିଥିବା ବେଳେ ଏହାର କାର୍ଯ୍ୟ କେବେ ଶେଷ ହେବ କେହି ଜାଣି ପାରୁ ନାହାଁନ୍ତି । ସେହିଭଳି କେନ୍ଦ୍ରାପଡା ଜିଲାରେ ୩୩ଟି ଡିଗ୍ରି କଲେଜ ଥିବାବେଳେ , କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ର ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି । ସେହିଭଳି ଗୋବରୀ ନଦୀ କୁ ପୁନରୁଦ୍ଧାର କରିବା ଓ ଗୋବରୀ କେନାଲର ଉନ୍ନତି କରଣ କରିବା ପାଇଁ ଦାବି କରାଯାଇଛି । ମଙ୍ଗଳ ବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୟରେ ଆୟୋଜିତ ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ଚିନ୍ମୟ ବେଉରା, ଦେବେନ୍ଦ୍ର ଶର୍ମା , ଅଂଶୁମାନ ମହାନ୍ତିଙ୍କ ସହିତ ଜ୍ଞାନଦେବ ବେହୁରା, ପ୍ରଫୁଲ୍ଲ ଦାସ, ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ହିପଜୁର ରହେମାନ, ଶରତ ବେହୁରା, ସମ୍ବିତ ଶ୍ରୀଚନ୍ଦନ, ସଂଜୟ ରାଉତ, ଆଶିଷ ମେକାପ, ମିର ମୁସିଦ୍, ପ୍ରଦ୍ୟୁମ୍ନ ଜେନା, ସୌମେନ୍ଦ୍ର ପୃଷ୍ଟି, ବିଦ୍ୟୁଭୂଷଣ ମହାପାତ୍ର, ସନ୍ତୋଷ ବେହେରା, କମଳାକାନ୍ତ ବେହେରା ପ୍ରମୁଖ ଙ୍କ ସହିତ ୫୦୦୦ ରୁ ଉର୍ଦ୍ଧ୍ୱ କର୍ମୀ ଏହି ବିକ୍ଷୋଭ ରେ ସାମିଲ ଥିଲେ ।

## କିଟ୍‌ରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାକୁମ୍ଭ



ଭୁବନେଶ୍ୱର : କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୨୧ ତାରିଖଠାରୁ ଆରମ୍ଭ ହେଉଛି। ଏହା ହେଉଛି ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ସର୍ବ ବୃହତ କ୍ରୀଡ଼ା ମହୋତ୍ସବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହା ହେଉଛି ଏକ ଡ୍ରିମ୍ ପ୍ରକଳ୍ପ। ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ପାଇଁ ଗତ ୨-୩ ମାସ ପୂର୍ବରୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବଙ୍କ ଅଧକ୍ଷତାରେ ନୂଆଦିଲ୍ଲୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ମହାନିର୍ଦ୍ଦେଶକଙ୍କ ସମେତ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଯୋଗଦେଇ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ କେଉଁ ସ୍ଥାନରେ ଆୟୋଜନ କରାଯିବ, ସେ ନେଇ ଆଲୋଚନା କରିଥିଲେ। ସେମାନେ ଚାହୁଁଥିଲେ ଏପରି ଏକ ସ୍ଥାନରେ ଅନୁଷ୍ଠିତ ହେଉ ଯେଉଁଠାରେ ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ସହ ଆନୁଷଙ୍ଗିକ ସୁବିଧା ରହିଥିବ। ଶେଷରେ ସମସ୍ତ ଦିଗକୁ ବିଚାର କରିବା ପରେ ଏହି ଉଚ୍ଚସ୍ତରୀୟ କମିଟି ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଲେ। କାରଣ ସେମାନେ ଜାଣିଥିଲେ କିଟ୍ ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଆନ୍ତର୍ଜାତିକ ମାନର କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ାବିତ୍, କୋଚ ଓ ଅନ୍ୟାନ୍ୟ ଅଫିସିଆଲ୍‌ଙ୍କ ରହିବା ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ଏହା ପୂର୍ବରୁ କିଟ୍ ବିଶ୍ୱବିଦ୍ୟାଳୟ ଅନେକ ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା। କିଟ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ଆସିଛନ୍ତି। କିଟ୍‌ର ପ୍ରୋତ୍ସାହନ ଯୋଗୁଁ ଆଜି କିଟ୍ ଓ କିସ୍‌ରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଜାତୀୟ, ଆନ୍ତର୍ଜାତୀୟ ଓ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରେ ଦୃତୀ ଚାନ୍ଦ, ଅମୀୟ ମଲିକ, ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ୍, ସୁମିତ୍ରା ନାଏକ, ମନ୍ଦାକିନୀ ମାଝୀ, ଋତୁପର୍ଣ୍ଣା ପଣ୍ଡା, ଶ୍ରେୟଙ୍କା ଷଡ଼ଙ୍ଗୀ ଓ ରଣଜିତ ନାଏକଙ୍କ ଭଳି ବହୁ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ଏକ ଉଚ୍ଚସ୍ତରୀୟ କମିଟି ଭୁବନେଶ୍ୱରରେ ପହଞ୍ଚି କିଟ୍ ବିଶ୍ୱବିଦ୍ୟାଳୟରେ ଥିବା ସମସ୍ତ ପ୍ରକାର କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିବା ସହ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହୋତ୍ସବ ଆୟୋଜନ କରିବା ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ। ଯେଉଁ ସମୟରେ ଏହି କ୍ରୀଡ଼ା ମହାକୁମ୍ଭ ଅନୁଷ୍ଠିତ ହେବାକୁ ଯାଉଛି, ସେହି ସମୟ ହେଉଛି କିଟ୍‌ରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମୟ। ତେଣୁ କିଟ୍ କର୍ତ୍ତୃପକ୍ଷ ପ୍ରଥମରୁ ଅରାଜି ହେଉଥିଲେ ମଧ୍ୟ ଏଭଳି ଏକ ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ମହୋତ୍ସବ ଆୟୋଜନ କରିବା ପାଇଁ ସମ୍ମତି ଜଣାଇଥିଲେ। ଶେଷରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ କିଟ୍‌କୁ ଆୟୋଜକ ଭାବେ ସ୍ଥିର କରାଯାଇ ଆନୁଷ୍ଠାନିକ ଭାବେ ଘୋଷଣା କରାଗଲା।ଓଡ଼ିଶାରେ ଏହି ମେଗା କ୍ରୀଡ଼ା ମହୋତ୍ସବ ଆୟୋଜନ କରିବା ପାଇଁ ରାଜ୍ୟ ସରକାରଙ୍କ ସମ୍ମତି ଆବଶ୍ୟକ। ତେଣୁ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଏହାର ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଗଲା। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇଆସିଛନ୍ତି। ଓଡ଼ିଶା ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସୀୟ ଦୌଡ଼କୁଦ ପ୍ରତିଯୋଗିତା, ବିଶ୍ୱକପ୍ ହକି, ଏସିଆନ୍ ରଗ୍‌ବୀ ଭଳି ବହୁ ଜାତୀୟ ଓ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ସଫଳତା ଅର୍ଜନ କରିଛନ୍ତି। ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ହେଉଛି ଭାରତର କ୍ରୀଡ଼ା ରାଜଧାନୀ। ଓଡ଼ିଶାରେ ବିଶେଷ କରି କିଟ୍ ବିଶ୍ୱବିଦ୍ୟାଳୟରେ ଏଭଳି କ୍ରୀଡ଼ା ମହୋତ୍ସବ ଆୟୋଜନ କରାଯିବା ଓଡ଼ିଶା ପାଇଁ ଗୌରବର ବିଷୟ। ଏଥି ପାଇଁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ସହଯୋଗ ନିମନ୍ତେ ଶ୍ରୀ ସାମନ୍ତ ଶ୍ରୀ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।ଓଡ଼ିଶା ସରକାରଙ୍କ ସମ୍ମତି ପରେ କିଟ୍ ବିଶ୍ୱବିଦ୍ୟାଳୟରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ପାଇଁ ୨ ମାସ ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଗଲା। ଯଦିଓ ଏଭଳି ଏକ ମେଗା କ୍ରୀଡ଼ା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ୧ବର୍ଷ ପୂର୍ବରୁ ଯୋଜନା ସରିଛି, କିନ୍ତୁ କିଟ୍ ବିଶ୍ୱବିଦ୍ୟାଳୟକୁ ପ୍ରସ୍ତୁତ ହେବା ପାଇଁ ମାତ୍ର ୨ ମାସ ସମୟ ଦିଆଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟରେ ୧୫ଟି ସ୍ପୋର୍ଟସ କଂପ୍ଲେକ୍ସ ରହିଛି। ସମସ୍ତ କ୍ୟାମ୍ପସରେ ସନ୍ତରଣାଗାରଠାରୁ ଆରମ୍ଭ କରି ଇଣ୍ଡୋର ଷ୍ଟାଡିଅମ, ଜିମ୍ନାସିଅମ ଆଦିର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କ୍ରିକେଟ୍ ଷ୍ଟାଡିଅମ, ହକି ଷ୍ଟାଡିଅମ, ଫୁଟବଲ୍ ଷ୍ଟାଡିଅମ୍, ଟେନିସ୍ କୋଟ, ଭଲିବଲ୍, ବାସ୍କେଟବଲ୍ କୋଟ, ତୀରନ୍ଦାଜୀ ପାଇଁ ସ୍ୱତନ୍ତ୍ର ଷ୍ଟାଡିଅମ, ଆଥ୍‌ଲେଟିକ ଟ୍ରାକ୍, ବୃହତ ଚେସ୍ ହଲ୍ ଆଦି ବିଭିନ୍ନ ପ୍ରକାର କ୍ରୀଡ଼ା ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଏସବୁ ବ୍ୟତୀତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାକୁମ୍ଭ ଆୟୋଜନ ପାଇଁ ଆଉ ଯାହା କିଛି ଭିତ୍ତିଭୂମି ଓ ବୈଷୟିକ ସହାୟତା ଆବଶ୍ୟକ ଥିଲା ତାହାକୁ ଇତି ମଧ୍ୟରେ କିଟ୍ କର୍ତ୍ତୃପକ୍ଷ ପୂରଣ କରିସାରିଛନ୍ତି।ଏହି କ୍ରୀଡ଼ା ମହାକୁମ୍ଭରେ ଭାରତର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୪ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏବଂ ହଜାରେରୁ ଊର୍ଦ୍ଧ୍ୱ କୋଚ୍ ଓ ଅଫିସିଆଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସାମସଙ୍ଗ ପକ୍ଷରୁ କନ୍‌ଭର୍ଟିବୁଲ୍ ଇନ୍‌ଭର୍ଟର୍ ଏୟାରକଣ୍ଡିସନର୍‌ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ସର୍ବବୃହତ୍ ଓ ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଓ ମୋବାଇଲ ଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ ଆଜି ଭାରତରେ ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଫେବୃଆରୀ ୨୨ରୁ ୨୫ ତାରିଖ ପର୍ଯ୍ୟ' ହେବାକୁ ଥିବା ଫ୍ଲିପ୍‌କାର୍ଟ କୁଲିଙ୍ଗ୍ ଡେଜ୍‌ରେ ଏହାର କନ୍‌ଭର୍ଟିବୁଲ ଇନ୍‌ଭର୍ଟର୍ ଏସିର ଦୁଇଟି ନୂତନ ଆକର୍ଷଣୀୟ ଅନ୍‌ଲାଇନ୍ ସିରିଜ୍‌ର ଶୁଭାରମ୍ଭ କରିଛି।ଏହି ଦୁଇଟି ନୂତନ ଡ୍ୟୁରା ସିରିଜ୍ ଓ କପର୍ ସିରିଜ୍‌ରେ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଡିଜାଇନ୍ କରାଯାଇଥିବା ୫ଟି ସାମ୍‌ସଙ୍ଗ କନ୍‌ଭର୍ଟିବୁଲ ଇନ୍‌ଭର୍ଟର୍ ଏସି ମଡେଲ ରହିଛି। ସାମ୍‌ସଙ୍ଗର ଏହି ନୂତନ ଏସିଗୁଡିକ ୩ ଷ୍ଟାର ଓ ୫ ଷ୍ଟାର ଶକ୍ତି ସଂଚୟ ବିକଳ୍ପ ସହିତ ୧ ଟନ୍ ଓ ୧.୫ ଟନ୍ ଭାରିଆଂଟ୍‌ରେ ଉପଲବ୍ଧ ହେବ। ସମସ୍ତ ୫ଟି ନୂତନ ମଡେଲରେ କନ୍‌ଭର୍ଟିବୁଲ ମୋଡ୍ ରହିଛି। ଏଥିସହିତ ଏହି ଏସିଗୁଡ଼ିକର ଡିଜିଟାଲ ଇନ୍‌ଭର୍ଟର କମ୍ପ୍ରେସର ଉପରେ ୧୦ ବର୍ଷର ୱାରେଂଟି, କଣ୍ଡେନ୍‌ସର ଉପରେ ୫ ବର୍ଷର ୱାରେଂଟି, ପିସିବି କଂଟ୍ରୋଲର ଉପରେ ୫ ବର୍ଷର ୱାରେଂଟି, ୫ ବର୍ଷ ପାଇଁ ଫ୍ରି-ଗ୍ୟାସ୍ ରିଚାର୍ଜ ଓ ମାଗଣା ଇନ୍‌ଷ୍ଟଲେସନ ଭଳି ସୁବିଧା ଉପଲବ୍ଧ ହେବ ଯାହାକି ଉପଭୋକ୍ତାଙ୍କୁ ମଜଭୁତ ସ୍ଥାୟିତ୍ୱ ପ୍ରସ୍ତାବ ଓ ସମ୍ପୂର୍ଣ୍ଣ ମାନସିକ ଶାଂ ପ୍ରଦାନ କରିବ। ସାମ୍‌ସଙ୍ଗ କନ୍‌ଭର୍ଟିବୁଲ ଇନ୍‌ଭର୍ଟର ଏସିର ନୂତନ ରେ୍ ଆସ'। ୨୨ ଫେବୃଆରୀ, ୨୦୨୦ରୁ କେବଳ ଫ୍ଲିପ୍‌କାର୍ଟ ଉପଲବ୍ଧ ହେଉଛି। ୧,୫୦୦ ଟଙ୍କାର ଅତିରିକ୍ତ କ୍ୟାସ୍‌ବ୍ୟାକ୍ ଅଫର ସହିତ ଏହି ନୂତନ ଏସି ରେର ପ୍ରାରମ୍ଭିକ ମୂଲ୍ୟ ୩୩,୪୯୯ ଟଙ୍କା ରହିଛି।

## ସରକାରଙ୍କର ଖେଲୋ ଇଣ୍ଡିଆ ପଦକ୍ଷେପ ଅନେକ ପିଲାଙ୍କୁ ଅନୁପ୍ରାଣିତ କରିପାରିଛି: ରାହି ସର୍ଣ୍ଣୋବତ

ଭୁବନେଶ୍ୱର: ଏସିଆନ ଗେମସ ଏବଂ କମନୱେଲଥ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ସୁଟର ରାହି ସର୍ଣ୍ଣୋବତ ବିଶ୍ୱାସ କରନ୍ତି ଯେ ଖେଲୋ ଇଣ୍ଡିଆ ଗେମ୍ସ ଦେଶରେ ଅନେକ ପିଲାଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଅନୁପ୍ରାଣିତ କରିଛି । ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ତିନୋଟି ସଂସ୍କରଣ ମାଧ୍ୟମରେ ଭାରତ ସରକାର ଅନେକ ପ୍ରତିଭାଙ୍କୁ ଚିହ୍ନଟ କରିଛନ୍ତି । ଏଣୁ ସେମାନେ ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଉଦଘାଟନୀ ସଂସ୍କରଣର ଆୟୋଜନ କରିବାର ନିଷ୍ପତି ନେଇଛନ୍ତି ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ହେବ। 'ମୁଁ ବାସ୍ତବରେ ବେଶ ଆନନ୍ଦିତ ଯେ କେତେକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଖେଳରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରୁଛନ୍ତି ଏବଂ ଏକାଡ଼େମୀ ତୁଳନାରେ ଅନ୍ୟ ଜିନିଷ ଉପରେ ମଧ୍ୟ ବିଶେଷ ଧ୍ୟାନ ଦେଉଛନ୍ତି । ମୁଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ପ୍ରଶଂସା କରୁଛି । ଅନେକ ପିଲା ବର୍ତ୍ତମାନ ଖେଳକୁ ଆଗକୁ ନେବା ପାଇଁ ଏବଂ ଖେଲୋ ଇଣ୍ଡିଆ ଭଳି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଅନୁପ୍ରାଣିତ ହୋଇଛନ୍ତି । ଭାରତର ସମସ୍ତ ଆଗାମୀ କ୍ରୀଡ଼ାବିତମାନଙ୍କ ପାଇଁ ଭାରତ ସରକାର ଏକ ବୃହତ ମଞ୍ଚ ପ୍ରଦାନ କରିଛନ୍ତି ।' ବୋଲି ଚଳିତବର୍ଷ ଟୋକିଓ ଅଲମ୍ପିକରେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଥିବା ଏହି ସୁଟର କହିଛନ୍ତି । ' ମୋ ମତରେ ଭାରତରେ ପ୍ରତିଭାମାନଙ୍କୁ ଖୋଜି ବାହାର କରିବା ଦିଗରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଏକ ପ୍ରମୁଖ ପ୍ରଭାବ ରହିବ । ଯଦି ନୂତନ ଯୁବପିଢ଼ୀ ଏହି ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରନ୍ତି ତେବେ ସେମାନେ ନିଜପାଇଁ ଏବଂ ଆଗାମୀ ପିଢ଼ୀ ପାଇଁ ଏକ ମୂଳଦୂଆ ପ୍ରସ୍ତୁତ କରିପାରିବେ ।' ବୋଲି ଏହି ୨୯ ବର୍ଷୀୟା କ୍ରୀଡ଼ାବିତ କହିଛନ୍ତି । ସେ ଅନୁଭବ କରୁଛନ୍ତି ଯେ ୨୦୧୨ରେ ତାଙ୍କର ଶେଷ ଅଲମ୍ପିକ ତୁଳନାରେ ଭାରତ ସରକାର ଏବେ ଅଲମ୍ପିକ ପାଇଁ କ୍ରୀଡ଼ାବିତମାନଙ୍କର ପ୍ରସ୍ତୁତିରେ ସାହାଯ୍ୟ କରିବା ଦିଗରେ ଅଧିକ ଜୋର ଦେଉଛନ୍ତି ।

## ଓରିଏଂଟ୍ ଇଲେକ୍ଟ୍ରିକ୍ ପକ୍ଷରୁ ନୂତନ ଶକ୍ତି ସଂଚୟକାରୀ ଫ୍ୟାନ୍ ଉନ୍ମୋଚିତ

ଭୁବନେଶ୍ୱର: ୨.୪ ବିଲିୟନ ଡଲାର ବିଶିଷ୍ଟ ସିକେ ବିର୍ଲା ଗ୍ରୁପ୍‌ର ଅଂଶବିଶେଷ, ଓରିଏଂଟ୍ ଇଲେକ୍ଟ୍ରିକ୍ ଲିମିଟେଡ୍ ପକ୍ଷରୁ ଇସିଏମ୍ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ଏହାର ନୂତନ ଆଇ-ସିରିଜ୍ ରେ୍‌ର ଫ୍ୟାନ୍‌ର ବଜାର ପ୍ରବେଶ କରାଯାଇଛି ଯାହାକି ଅନ୍ୟ ସାଧାରଣ ଫ୍ୟାନ୍ ତୁଳନାରେ ୫୦% ଶକ୍ତି ସଂଚୟ କରିଥିବାବେଳେ ଉପଭୋକ୍ତାଙ୍କ ପାଇଁ ବିଜୁଳି ଦରରେ ମୂଲ୍ୟଯୁକ୍ତ ହ୍ରାସର ପ୍ରତିଶ୍ରୁତି ଦେଇଥାଏ। ଏହି ନୂତନ ରେ୍‌ରେ ସାମିଲ ଥିବା ଆଇ-ଫ୍ଲୋରାଲ, ହେକ୍ଟର ୫୦୦ ଏବଂ ଆଇଓଟି-ସକ୍ଷମ ଓ ଭଏସ୍-କଂଟ୍ରୋଲ୍ ଥିବା ଆଇ-ଫ୍ଲୋଟ୍ ଫ୍ୟାନ୍ ଯେକୌଣସି ସାଜସଜ୍ଜାକୁ ସୁହାଉଥିବା ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ରେ ଉପଲବ୍ଧ ହେଉଛି। ଓରିଏଂଟ୍ ଆଇ-ସିରିଜ୍ ଫ୍ୟାନ୍‌ଗୁଡିକର ପ୍ରାରମ୍ଭିକ ମୂଲ୍ୟ ୨୮୫୦ ଟଙ୍କା ରହିଛି। ଓରିଏଂଟ୍ ଆଇ-ସିରିଜ୍ ଫ୍ୟାନ୍‌ଗୁଡିକ ବିଇଇ ୫-ଷ୍ଟାର ରେଟେଡ୍ ହୋଇଥିବା ବେଳେ ସାଧାରଣ ଫ୍ୟାନ୍ ତୁଳନାରେ ଏଥିରେ ୫୦% ଉନ୍ନତ ସେବା ମୂଲ୍ୟ ରହିଛି। ଏହି ଫ୍ୟାନ୍‌ଗୁଡିକ ୨୩୦ ସିଏମ୍‌ଏମ୍‌ର ପବନ ପ୍ରଦାନ କରିବା ସହ କମ୍ ଭୋଲ୍‌ଟେଜ୍‌ରେ ମଧ୍ୟ ଶବ୍ଦହୀନ ଭାବେ ଓ ଦକ୍ଷତାର ସହ ପରିଚାଳନା କରିଥାନ୍ତି।

## ମାତୃତ୍ୱ ଲାଭ କରିଥିବା ମହିଳାଙ୍କ ପାଇଁ ଶୀତକାଳୀନ ତ୍ୱଚାର ଯତ୍ନ

ଭୁବନେଶ୍ୱର: ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କ ପାଇଁ ଶୀତ ଦିନରେ ନିଜ ତ୍ୱଚାର ଉପଯୁକ୍ତ ଯତ୍ନ ନେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କାରଣ ଏହି ସମୟରେ ତ୍ୱଚାର ନମନୀୟତା କମ୍ ହେବା ଦ୍ୱାରା ଏହା ଅତ୍ୟଧିକ ଶୁଷ୍କ ଓ ତେଜହୀନ ହୋଇଯାଏ ।ହିମାଳୟା ଡ୍ରଗ୍ କମ୍ପାନୀର ଆୟୁର୍ବେଦ ବିଶେଷଜ୍ଞ ଡଃ ସୁଭାଷିନୀ ଏନ୍ ଏସ୍ ନୂଆ କରି ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କୁ ନିଜ ତ୍ୱଚାକୁ ହାଇଡ୍ରେଟ୍ ଓ ମଏଶ୍ଚରାଇଜ୍ କରିବା ପାଇଁ ବ୍ୟବହାର କରୁଥିବା ଉତ୍ପାଦଗୁଡିକୁ ଯତ୍ନ ସହ ଚୟନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରାକୃତିକ ଉପାଦାନରେ ନିର୍ମିତ ଓ କୌଣସି ପ୍ରକାରର ରସାୟନ ବ୍ୟବହାର ହୋଇନଥିବା ଉତ୍ପାଦଗୁଡିକୁ ଚୟନ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ ।ନିକଟରେ ମା' ହୋଇଥିବା ମହିଳାମାନଙ୍କ ସହ ସ୍ନାନ ଓ ସ୍ନାନ ପରର ରୁଟିନ୍ ସମ୍ପର୍କରେ ଆଲୋଚନା କରି ଡଃ ସୁଭାଷିନି କହିଛନ୍ତି ଯେ, 'ଭର୍ଜନ୍ କୋକୋନଟ୍ ଅଏଲ୍, କୋକୋଆ, ମ୍ୟାଙ୍ଗୋ ବଟର୍ ଭଳି ଉପାଦାନ ଥିବା ମଏଶ୍ଚର-ରିଚ୍ କ୍ଲିନ୍‌ଜର ବ୍ୟବହାର କରିବା ଦ୍ୱାରା ତାହା ଶୁଷ୍କ ତ୍ୱଚାରୁ ମୁକ୍ତି ଦେଇଥାଏ। ଏଥିସହିତ ଅରୋମା ଥେରାପିଯୁକ୍ତ ସାବୁନର ବ୍ୟବହାର ମଧ୍ୟ ଉଭୟ ନୂଆ କରି ମାତୃତ୍ୱ ଲାଭ କରିଥିବା ଓ ଗର୍ଭବତୀ ମହିଳାମାନଙ୍କ ଶରୀର ପାଇଁ ଲାଭଦାୟକ ହୋଇଥାଏ। କୋକୋଆ ବଟର୍ ଓ ଗ୍ଲିସେରିନ୍‌ର ସୁଗୁଣରେ ଭରପୂର ଏକ ବଡି ବଟର୍ ମଧ୍ୟ ଲୋସନ୍ ତୁଳନାରେ ଅଧିକ ପ୍ରଭାବୀ ରୂପେ ତ୍ୱଚାକୁ ନରମ ଓ ହାଇଡ୍ରେଟ୍ କରିଥାଏ। ସତେଜ ସୁଗନ୍ଧଯୁକ୍ତ ବଡି ବଟରଗୁଡିକ ମାତୃତ୍ୱ ଲାଭ କରିଥିବା ମହିଳାମାନଙ୍କ ମସ୍ତିଷ୍କକୁ ଶାନ୍ତ, ତେଜମୟ ଓ ଅପଲିଫ୍ଟ ରଖିବାରେ ସହାୟକ ହୋଇଥାଏ। ଡଃ ସୁଭାଷିନି ଏହି ମହିଳାମାନଙ୍କୁ ମାଲିସ୍ ବା ମସାଜ୍ କରାଇବା ପାଇଁ ପରାମର୍ଶ ଦେଇଛନ୍ତି କାରଣ ଏହା ଗର୍ଭାବସ୍ଥା ପରେ ଶରୀରକୁ ପୁଣିଥରେ ସୁସ୍ଥ ହେବା, ଚାପ ଦୂର କରିବା ଓ ରକ୍ତ ସଂଚାଳନକୁ ତତ୍ପର କରିବା ପାଇଁ ଏକ ସିଦ୍ଧ ଉପାୟ ଅଟେ। ଆଲୋଭେରାର ସୁଗୁଣ ଥିବା ଏକ ଟୋନିଙ୍ଗ୍ ମସାଜ୍ ଅଏଲ୍ ତ୍ୱଚାକୁ ନରମ କରିବା ସହ ଅଶ୍ୱଗନ୍ଧା ଏକ ସୁସ୍ଥ ତ୍ୱଚା ବଜାୟ ରଖିଥାଏ। ଆରମ୍ଭରେ ସ୍ତନ୍ୟପାନ ସମୟରେ ମା' ମାନେ ସ୍ତନାଗ୍ର ଓ ଏହାର ଆଖପାଖ ତ୍ୱଚା ଶୁଷ୍କ ହେଉଥିବା ତଥା ଫାଟୁଥିବା ଅନୁଭବ କରିପାରନ୍ତି। ତେଣୁ ଭର୍ଜିନ୍ କୋକୋନଟ୍ ଅଏଲ୍ ଥିବା ଏକ ନିପ୍ପଲ କେୟାର ବଟରର ବ୍ୟବହାର କରିବା ଦ୍ୱାରା ତାହା ତ୍ୱଚାକୁ ଶୁଷ୍କ ହେବାରୁ ରୋକିଥାଏ ଓ କୋକମ୍ ବଟର୍ ତ୍ୱଚାକୁ ଭଲଭାବେ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ। ଏକ ଭଲ ସ୍କିନ୍‌କେୟାର ରୁଟିନ୍ ସହ ଡଃ ସୁଭାଷିନି ନୂଆ କରି ମା' ହୋଇଥିବା ମହିଳାମାନଙ୍କୁ ହେଲ୍‌ଦି ଫ୍ୟାଟ୍ ଥିବା ସନ୍ତୁଳିତ ଓ ପୌଷ୍ଟିକ ଆହାର ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

## ଫୋନ୍‌ପେ ପକ୍ଷରୁ 'କର୍‌ତେ ଯା, ବଢ଼ତେ ଯା' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଫୋନ୍‌ପେ ପକ୍ଷରୁ ଏହାର ନୂତନ ବ୍ରାଣ୍ଡ ଅଭିଯାନ 'କର୍‌ତେ ଯା, ବଢ଼ତେ ଯା'ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏଥିରେ ବଲିଓଡ୍ ସୁପରଷ୍ଟାର ଅମୀର ଖାନ୍ ଓ ଅଭିନେତ୍ରୀ ଆଲିଆ ଭଟ୍ଟ ନଜରରେ ଆସୁଛନ୍ତି। ଭିଭୋ ଅଆଇପିଏଲ୍‌ର ଟେଲିଭିଜନ୍ ପ୍ରସାରଣ ପାଇଁ ଫୋନ୍‌ପେ ହେଉଛି ଅଧିକାରିକ ସହ-ପ୍ରସ୍ତୁତ ପ୍ରଯୋଜକ ଏବଂ ଏହି ଆଇପିଏଲ୍ ସିଜିନ୍‌ରେ ଟିଭି ବିଜ୍ଞାପନ ପର୍ଯ୍ୟାୟର ଶୁଭାରମ୍ଭ ହେବ। ପାଞ୍ଚ ସପ୍ତାହର ଏହି ବ୍ରାଣ୍ଡ ଅଭିଯାନ ଫୋନ୍‌ପେ'ର ନୂତନ ଟ୍ୟାଗ୍ 'କର୍‌ତେ ଯା, ବଢ଼ତେ ଯା'ର ଉପରେ କେନ୍ଦ୍ରିତ। ବର୍ତ୍ତମାନର ବ୍ରାଣ୍ଡ ଅଭିଯାନରେ ଅମିର ଖାନ୍ ଓ ଆଲିଆ ୪ଟି ଟିଭି ବିଜ୍ଞାପନରେ ନଜରରେ ଆସିବେ, ଯାହା ଡିଜିଟାଲ୍ ପ୍ଲାଟଫର୍ମ, ରେଡିଓ, ଖବରକାଗଜ ଓ ସିନେମାରେ ଦେଖାଯିବ।

## ଭାରତରେ ରଗ୍‌ବିର ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ଜାଇକା ସ୍ୱେଚ୍ଛାସେବୀ

ନୂଆଦିଲ୍ଲୀ : ଓଡ଼ିଶାରେ ରଗ୍‌ବି କୋଚିଂ ଦେବା ପାଇଁ ଜାପାନ ଇଂଟରନ୍ୟାସନାଲ୍ କୋପରେଶନ୍ ଏଜେନ୍ସି(ଜେଆଇସିଏ) ପକ୍ଷରୁ ପୁଣି ୮ ଜଣ ସ୍ୱେଚ୍ଛାସେବୀଙ୍କୁ ଫେବୃୟାରୀ ୧୭ରେ ଭାରତ ପଠାଯାଇଛି। ସେମାନେ ଦେଶରେ ଖେଳ ଦକ୍ଷତା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିବେ। ଜାପାନ ଓଭରସିଜ୍ କୋପରେଶସନ୍ ଭଲ୍ୟୁଂଟରର୍ସ (ଜେଓସିଭି) ଅ'ର୍ଜାତୀୟସ୍ତରୀୟ ଅଭିଜ୍ଞତାର ପାରସ୍ପରିକ ଭାବର ଆଦାନପ୍ରଦାନ ମାଧ୍ୟମରେ ଭାରତ ଏବଂ ଜାପାନ ମଧ୍ୟରେ ଏକ ସହଭାଗିତା ସୃଷ୍ଟି କରିବାକୁ ସକ୍ଷମ ହେବେ। ଏହି ନୂଆ ସ୍ୱେଚ୍ଛାସେବୀମାନେ ଆସିବା ଦ୍ୱାରା ଭାରତରେ ଜାଇକା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି। ସେମାନେ ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ହିମାଚଳପ୍ରଦେଶ, ଗୁଜରାଟ, ଦିଲ୍ଲୀ, ପଶ୍ଚିମବଙ୍ଗ, ଉତରାଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଆଦି ୧୦ଟି ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ନୂଆ ୮ଜଣ ଜେଓସିଭି ବିଶ୍ୱବିଦ୍ୟାଳୟସ୍ତରୀୟ ଅଂଶୀଦାର କାର୍ଯ୍ୟକ୍ରମ ଅନ୍ତର୍ଗତ ଜାଇକାର କାନସାଇ ସେଂଟର ଏବଂ ଦୋଶିଶା ବିଶ୍ୱବିଦ୍ୟାଳୟ ସହାୟତାରେ କାର୍ଯ୍ୟ କରିବେ। ଭାରତର ଯୁବବର୍ଗଙ୍କ ମଧ୍ୟରେ ରଗ୍‌ବି ଦକ୍ଷତା ବୃଦ୍ଧି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହା ସହିତ ଦୋଶିଶା ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀ ଏବଂ ସାଧାରଣ ଲୋକଙ୍କ ଦ୍ୱାରା ଭାରତର ଯୁବବର୍ଗ ଏବଂ ଲୋକଙ୍କ ମଧ୍ୟରେ ପାରସ୍ପାରିକ ଭାବର ଆଦାନ ପ୍ରଦାନ ସମ୍ପନ୍ନ ହେବ। ଏହି କାର୍ଯ୍ୟକ୍ରମ ଅ'ର୍ଗତ ୨୦୨୪ ପର୍ଯ୍ୟ' ଦୋଶିଶା ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀ ବର୍ଷରେ ଏକ ମାସ ପାଇଁ ଭାରତରେ ରଗ୍‌ବି କୋଚିଂ ଦେବେ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ବ୍ୟାଚ୍‌ରେ ଶୁନ୍ ଅକାତାସୁ, ହିବିକି ସାଇତୋ, କେରୋ ସାକାକି, କାତାସୁୟା ସୁଜୁକି, ଶିନ୍ତାରୋ ତୁସିଜିନୋ, ରିକି ଫୁକୁଶିମା, ଚିହିରୋ ୟୋଶିତା ଏବଂ କାକୁ ତାଚିମାତୋଙ୍କୁ ଅ'ର୍ଭୁକ୍ତ କରାଯାଇଛି। ଏହି ନୂଆ ୮ ଜଣିଆ ଜେଓସିଭି ଓଡ଼ିଶାରେ ପୂର୍ବରୁ କାର୍ଯ୍ୟ କରୁଥିବା ଜେଓସିଭିଙ୍କ ସହିତ କାର୍ଯ୍ୟ କରିବେ। ୨୦୧୯ ଡିସେମ୍ବରଠାରୁ ଓଡ଼ିଶାରେ ୨ ବର୍ଷ ପାଇଁ ତାତସୁୟା କାତୋ କାର୍ଯ୍ୟ କରୁଛନ୍ତି। ସେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି(କିଟ୍) ବିଶ୍ୱବିଦ୍ୟାଳୟ, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ(କିସ୍) ଏବଂ ଭୁବନେଶ୍ୱର କେତେକ ସ୍କୁଲରେ ରଗ୍‌ବି ଖେଳ ତାଲିମ ଦେବା ସହିତ ଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଦେଶରେ ଖେଳାଳିଙ୍କ ବହୁବିଧ ବିକାଶ ସମ୍ଭବ ହୋଇପାରିଛି।

## ରେନୋ ଦକ୍ଷିଣ ଆଫ୍ରିକାରେ ଟ୍ରାଇବର ର ଶୁଭାରମ୍ଭ କରିଛି

ନୂଆଦିଲ୍ଲୀ : ରେନୋ, ଭାରତରେ ନମ୍ବର ୧ ୟୁରୋପିୟାନ୍ ବ୍ରାଣ୍ଡ ଏହାର ସମ୍ପୂର୍ଣ୍ଣ ନୂଆ ଗେମ୍ ଚେର, ରେନୋ ଟ୍ରାଇବରକୁ ଦକ୍ଷିଣ ଆଫ୍ରିକାରେ ଶୁଭାରମ୍ଭ କରିଛନ୍ତି। ବି-ସେଗ୍‌ମେଂଟ କାରରେ ରେନୋ ଟ୍ରାଇବର ଏହାର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରୁଛି। ରେନୋ ଟ୍ରାଇବରରେ ୪ ମିଟରରୁ କମ୍ ଲମ୍ବ ମଧ୍ୟରେ ରହିଛି ସୁପର-ସ୍ପେଶିୟସ, ଅଲ୍‌ଟ୍ରା ମଡୁଲାର, ମୂଲ୍ୟ ଉପଯୋଗୀ, ଇନ୍ଧନ ଦକ୍ଷ ଯାନ ସହିତ ଆକର୍ଷଣୀୟ ଇଂଟେରିୟର ଯାହାକି ଏହାକୁ ଏକ ଆଧୁନିକ ଗାଡ଼ିର ରୂପ ପ୍ରଦାନ କରୁଛି। 'କାର କ୍ରେତାମାନଙ୍କ ମଧ୍ୟରେ ଟ୍ରାଇବର ଏହାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ତଥା ଗ୍ରାହକମାନଙ୍କ ଦ୍ୱାରା ଆଦୃତି ହାସଲ କରିଛି। ଭାରତରେ ୨୮,୦୦୦ ରୁ ଅଧିକ ଟ୍ରାଇବର ବିକ୍ରି ହୋଇ ସାରିଛି ଏବଂ ଆମେ ଦକ୍ଷିଣ ଆଫ୍ରିକାରେ ରେନୋ ଟ୍ରାଇବରର ଶୁଭାରମ୍ଭ କରିଥିବାରୁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ।

## ନହରକଣ୍ଟାଠାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଉଦ୍‌ଘାଟିତ



ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା /ବାରଙ୍ଗ: ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ଯୋଜନାରେ ୮୯.୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭୁବନେଶ୍ୱର ମହାନଗର ନିଗମର ୪ନମ୍ବର ୱାର୍ଡର ନହରକଣ୍ଟାଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଆଜି ଅପରାହ୍ନରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ସହିତ ପୂର୍ବତନ କର୍ପୋରେଟର ଶ୍ରୀମତୀ ଗାୟତ୍ରୀ ଲେଙ୍କା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ପାତ୍ର, ସମବାୟ ସଂଗଠକ ଅକ୍ଷୟ କୁମାର ଲେଙ୍କା, ବରିଷ୍ଠ ନାଗରିକ ପ୍ରଦୀପ୍ତ କୁମାର ଛୋଟରାୟ, ଇଂଜିନିୟର ବ୍ରଜବନ୍ଧୁ ପଣ୍ଡା, ଗୋଲକ ଚନ୍ଦ୍ର ଜେନା, ସମାଜସେବୀ ଲକ୍ଷ୍ମୀଧର ବେହେରା, ଶିବ ଛୋଟରାୟ, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଦୀପକ କୁମାର ସାମନ୍ତରାୟ, ଦିପ୍ତୀରଂଜନ ପଣ୍ଡା, ଚନ୍ଦ୍ରଶେଖର ଜେନା, ନିହାର ରଂଜନ ଶ୍ରୀଚନ୍ଦନ ରାୟ, ପ୍ରକାଶ ଜେନା, ସ୍ୱାକ୍ଷର ରଂଜନ ମହାନ୍ତି, ତପନ ସାହୁ, ସନ୍ତୋଷ କୁମାର ଜେନା, ଜଟାଧାରୀ ଭୋଇ, ମୁନ୍‌ସପ୍ ବେଗ୍ ପ୍ରମୁଖ ଉପସ୍ଥିତ ଥିଲେ । ଚାରି ମହଲାର ଭିତ୍ତିଭୂମି ସୃଷ୍ଟିର ପ୍ଲାନ୍ ଅନୁମୋଦନ ଥାଇ ୨୫୦୮ ବର୍ଗଫୁଟ ଆୟତନର ଦୁଇମହଲା ବିଶିଷ୍ଟ ନୂତନ ମେଡିକାଲ୍ ଗୃହ ଭୁବନେଶ୍ୱର ରାସ୍ତା, କୋଠାବାଡ଼ି ନିର୍ବାହୀ ଯନ୍ତ୍ରୀ ଏସ୍. ଓସାତୁଲ୍ଲା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମରେଶ ରାଉତରାୟ, ସହକାରୀ ଯନ୍ତ୍ରୀ ଅଶୋକ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ୨୨.୦୨.୨୦୧୭ରେ ଆରମ୍ଭ ହୋଇଥିବା ପ୍ରକଳ୍ପ ୧୫.୧୦.୨୦୧୯ରିଖରେ ପୂର୍ଣ୍ଣାଙ୍ଗ ହୋଇ ଆଜି ଲୋକାର୍ପଣ ହୋଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡିକାଲ୍ ଅଫିସରଙ୍କ ତତ୍ତ୍ୱାବଧାନରେ ବର୍ହିବିଭାଗ ଚିକିତ୍ସା ସହିତ ସପ୍ତାହରେ ଦୁଇଦିନ ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଓ ଦନ୍ତ ଚିକିତ୍ସକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ଏଠାରେ ଜଣେ ଫାର୍ମାସିଷ୍ଟ, ପାଞ୍ଚ ଜଣ ଏ.ଏନ୍.ଏମ୍., ଜଣେ ଜି.ଏନ୍.ଏମ୍., ଓ ପାଞ୍ଚ ଜଣ ବିଭିନ୍ନ ବର୍ଗର କର୍ମଚାରୀ ନିୟୋଜିତ ଥାଇ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛନ୍ତି । ଏହି ହସ୍ପିଟାଲ୍ ଉପରେ ୪ ନମ୍ବର ୱାର୍ଡର ନୂଆପାଟଣା, ବଙ୍ଗୁଆରୀ, ହରିଦାସପୁର, ସୁନ୍ଦରାପାଟଣା, ରୁଦ୍ରପୁର, ନହରକଣ୍ଟା, ହଂସପାଳ, ସମେତ ଆଖପାଖ ଗ୍ରାମବାସୀ ଓ ନୂତନ ଭାବେ ଗଢ଼ି ଉଠିଥିବା ଜନବସତି ସହିତ ୫, ୧୦ ଓ ୧୧ ନମ୍ବର ୱାର୍ଡର ବାସିନ୍ଦା ସ୍ୱାସ୍ଥ୍ୟ ସେବାର ସୁଯୋଗ ପାଇପାରୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁରୋଗ, ଭେଷଜ, ଶଲ୍ୟ, ଚର୍ମରୋଗ ବିଶେଷଜ୍ଞ ନିଯୁକ୍ତି ସହ ଏହାକୁ ୨୫ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ଅଞ୍ଚଳର ମୂଳବାସିନ୍ଦା ମାନ୍ୟବର ବିଧାୟକଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ହସ୍ପିଟାଲ୍‌ର ପ୍ରତିଷ୍ଠା ହେବାଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱାସ୍ଥ୍ୟସେବା ସ୍ୱପ୍ନ ସାର୍ଥକ ହୋଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି ।

## ଭୁବନେଶ୍ୱରରେ ଏୟାରଟେଲର ନେକ୍ସଟ-ଜେନ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଟେଲିକମ୍ୟୁନିକେସନ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ (''ଏୟାରଟେଲ'') ପକ୍ଷରୁ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଇନ୍ଦ୍ରଧନୁ ମାର୍କେଟ ଠାରେ ଏକ ନୂତନ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉଦ୍‌ଘାଟନର କରାଯାଇଛି । ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଗ୍ରାହକମାନଙ୍କୁ ଏକ ସୁନ୍ଦର ଅନୁଭୂତି ଯୋଗାଇ ସେମାନଙ୍କ ସହିତ ନିଜର ପ୍ରତ୍ୟେକ ସାକ୍ଷାତକାରକୁ ଉତ୍କୃଷ୍ଟ କରିବା ନିମନ୍ତେ ଲକ୍ଷ୍ୟ ରଖିଛି । ଏହି ଏୟାରଟେଲ ନେକ୍ସଟ-ଜେନ ଷ୍ଟୋର ଦୀର୍ଘବ୍ୟାପୀ ଗ୍ରାହକ ସମ୍ପର୍କ ଉପରେ ଧ୍ୟାନକୈନ୍ଦ୍ରିକତା ସହିତ ଗ୍ରାହକ ଅନୁଭୂତି କ୍ଷେତ୍ରରେ ଏକ ନୂତନ ଛାପ ସୃଷ୍ଟି କରିଛି । ଇନ୍ଦ୍ରଧନୁ ମାର୍କେଟ ଠାରେ ଏହି ଫ୍ଲାଗସିପ ନେକ୍ସଟ-ଜେନ ଏୟାରଟେଲ ଷ୍ଟୋରର ଉନ୍ମୋଚନ ସହିତ ଏୟାରଟେଲ ପକ୍ଷରୁ ଓଡ଼ିଶାରେ ବର୍ତ୍ତମାନ ତିନୋଟି ଷ୍ଟୋର ରହିଛି (ଅନ୍ୟାନ୍ୟ ଷ୍ଟୋର ହେଉଛି ଭୁବନେଶ୍ୱରସ୍ଥିତ ସହିଦନଗର ଏବଂ ବ୍ରହ୍ମପୁରରେ) । ଆଗାମୀ ମାସଗୁଡ଼ିରେ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ଏୟାରଟେଲ ଆହୁରି ଅଧିକ ନେକ୍ସଟ-ଜେନ ଷ୍ଟୋର ଖୋଲିବାର ଯୋଜନା ରଖିଛି । ଏହା ସମ୍ପର୍କରେ ଭାରତୀ ଏୟାରଟେଲ, କର୍ଣ୍ଣାଟକ ଏବଂ ଓଡ଼ିଶା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରେନ୍ଦ୍ରନ କହିଛନ୍ତି ଯେ, '' ଓଡ଼ିଶାରେ ଆମର ତୃତୀୟ ନେକ୍ସଟ-ଜେନ ଷ୍ଟୋର ଉନ୍ମୋଚନ କରି ଏବଂ ଆମର ଗ୍ରାହକମାନଙ୍କ ପାଇଁ ଉନ୍ନତ ମାନର ରିଟେଲ ଅନୁଭୂତି ନେଇ ଆଣି ଆମେ ବେଶ ଆନନ୍ଦିତ । ଏହି ନେକ୍ସଟ-ଜେନ ଫର୍ମାଟ ଜରିଆରେ ଏହି ସମ୍ପର୍କ ପାଇଁ ଆମେ ବିଶେଷ ଜ୍ଞାନ ଏବଂ କୌଶଳ ନେଇଆସିଥିବାବେଳେ ଅଭିନବତା ଓ ଉଲ୍ଲେଖନୀୟ ଗ୍ରାହକସେବା ଯୋଗାଇଦେବା ପାଇଁ ଆଶା ରଖିଛୁ ।''ଏହି ନେକ୍ସଟ-ଜେନ ଏୟାରଟେଲ ଷ୍ଟୋର ଯୁକେ ଆଧାରିତ ୮ ଇଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ଡିଜାଇନ ଦୃଷ୍ଟିରୁ ଏହି ଷ୍ଟୋରଗୁଡ଼ିକ ଖୋଲା ଓ ଅତି କ୍ଷୁଦ୍ର ହୋଇଥିବାବେଳେ ଏହା ଗ୍ରାହକ ଓ ବ୍ରାଣ୍ଡ ମଧ୍ୟରେ ଥିବା ସମସ୍ତ ବ୍ୟବଧାନକୁ ଦୂର କରିଦେଇଥାଏ । ଏହାବାଦ ଏହାର ସେୟାର, କ୍ରିଏଟ ଏବଂ ଏକ୍ସପିରିଏନ୍ସ ଚିନ୍ତାଧାରା ମାଧ୍ୟମରେ ଗ୍ରାହକଙ୍କ ଅନୁଭୂତିକୁ ଉନ୍ନତ ରୂପେ ସମର୍ଥ କରାଇବା ପାଇଁ ଉନ୍ନତ ତଥା ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରିଥାଏ । ଏୟାରଟେଲର କର୍ମଚାରୀମାନେ 'ଏୟାରଟେଲ ଫ୍ରେଣ୍ଡସ' ଭାବେ ପରିଚିତ ଯେଉଁମାନଙ୍କୁ ଏକ ଦକ୍ଷ ଏବଂ ଉତ୍ତମ ଅନୁଭୂତି ସେବା ଯୋଗଇଦେବା ନିମନ୍ତେ ସମର୍ଥ କରାଯାଇଥାଏ । ସମ୍ପୂର୍ଣ୍ଣ ରୂପେ ପେପରଲେସ ଏହି ଷ୍ଟୋର ଏହାର କଥୋପକଥନ ହବ୍ ପାଇଁ ଗର୍ବିତ ଯେଉଁଠାରେ ଏହାର ''ଏୟାରଟେଲ ଫ୍ରେଣ୍ଡ'' ଙ୍କ ସହିତ ଏୟାରଟେଲର ଗ୍ରାହକମାନେ ନିଜର ଯେକୌଣସି ପ୍ରଶ୍ନ ସମ୍ପର୍କରେ ଆରାମରେ କଥାହୋଇପାରିବେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray